

Odia Daily

www.theutkalsamachar.com

# ଉତ୍କଳ ସମାଚାର

ବୈପ୍ଳବିକ ଚେତନାର ମୁଖପତ୍ର

THE UTKAL SAMACHAR

PUBLISHED FROM ROURKELA, SAMBALPUR & BHUBANESWAR

Postal Regn. No.OR/SUN-07/2007-09 ◆ RNI. Regd. No.ORIORI/2004/17448



✦Vol - 21✦ Issue No:301✦28 February 2026 (Saturday) ✦ Rourkela ✦ Rs.2.00 ✦ Page -1 ✦୨୧ ବର୍ଷ✦ସଂଖ୍ୟା:୩୦୧✦୨୮ ଫେବୃଆରୀ ୨୦୨୬ (ଶନିବାର)✦ ରାଉରକେଲା ✦ମୂଲ୍ୟ:ଟ.୨.୦୦✦ ପୃଷ୍ଠା-୬


## ସୀମା ନିର୍ଦ୍ଧାରଣ ବେଳେ ପୁଲିସ-ଜନତା ମୁହାଁମୁହିଁ:



### ଯାଜପୁରରେ ଟାୟାର ଜାଳି ରାସ୍ତା ଅବରୋଧ

ଯାଜପୁର,୨୭/୨(ନି/ପ୍ର): ସୀମା ନିର୍ଦ୍ଧାରଣକୁ ନେଇ ପୁଲିସ-ଜନତା ମୁହାଁମୁହିଁ । ଯାଜପୁର ରୋଡ୍- ଯଖପୁରା ଥାନା ମନୋହରପୁର ଅଂଚଳରେ ଉତେଜନା । ଏକ ଜମି ସିମା ନିର୍ଦ୍ଧାରଣକୁ ନେଇ ପୁଲିସ ଓ ସ୍ଥାନୀୟ ଗ୍ରାମବାସୀ ମୁହାଁମୁହିଁ ହୋଇଛି । ଉତେଜନା ପରେ ସ୍ଥାନୀୟ ଲୋକେ ଟାୟାର ଜାଳି ରାସ୍ତା ରୋକ କରିଛନ୍ତି । ଫଳରେ ମିଲେଟାରି ଛକରୁ ବଙ୍ଗଳା ଛକ ପର୍ଯ୍ୟନ୍ତ ଗାଡ଼ି ଯାତାୟାତ ବନ୍ଦ ରହିଛି । ଘଟଣାସ୍ଥଳରେ ବ୍ୟାପକ ପୋଲିସ ମୁତୟନ କରାଯାଇଛି । ତହସିଲ ପ୍ରଶାସନ ପକ୍ଷରୁ ଜମି ମାପଚୁପ କରୁଥିବା ସମୟରେ ବିରୋଧ କରିଥିଲେ ଗ୍ରାମବାସୀ । ସେପଟେ ଜନଶୁଣାଣି ବେଳେ ଗୋଷ୍ଠୀ ସଂଘର୍ଷ । ବାଡ଼ାବାଡ଼ି, ହାତାହାତି । ବାଲେଶ୍ୱର ଜିଲ୍ଲା ଜଳେଶ୍ୱରରେ ବାଲି ଖାଦାନ ନିଲାମ ପାଇଁ ଜନଶୁଣାଣି ବେଳେ ଏଭଳି ତୁମୁଳକାଣ୍ଡ ହୋଇଛି । ଜିଲ୍ଲା ପ୍ରଶାସନ ତରଫରୁ ସର୍ବସାଧାରଣ ଜନଶୁଣାଣି ଅନୁଷ୍ଠିତ ହେଉଥିଲା । ଏହି ସମୟରେ ସପକ୍ଷ ଏବଂ ବିପକ୍ଷବାଦୀଙ୍କ ମଧ୍ୟରେ ସଂଘର୍ଷ ଘଟିଛି । ଏତେ ଜୋରରେ ଗଣ୍ଡଗୋଳ ଏବଂ ମାରପିଟ୍ ହୋଇଛି ଯେ, ଅଧାରୁ ବନ୍ଦ ରହିଛି ଜନଶୁଣାଣି । ଏହି ଗଣ୍ଡଗୋଳରେ ୨ ଜଣ ଆହତ ହୋଇଛନ୍ତି । ଜଳେଶ୍ୱର ତହସିଲ ଅନ୍ତର୍ଗତ ମହମ୍ମଦନଗର ପାଟଣା ପଚାଂୟତ ସେଖସରାଇ ବାଲି ଖାଦାନ ନିଲାମ ପାଇଁ ଏହି ଜନଶୁଣାଣି ଚାଲିଥିଲା ।

## ପାକିସ୍ତାନ-ଆଫଗାନିସ୍ତାନ ଭୟଙ୍କର ଯୁଦ୍ଧ

### ତାଲିବାନ ବିରୋଧରେ 'ଓପନ୍ ୱାର' ଘୋଷଣା କଲେ ପାକ୍ ପ୍ରତିରକ୍ଷା ମନ୍ତ୍ରୀ



ନୂଆଦିଲ୍ଲୀ,୨୭/୨: ଭାରତ ପଡ଼ୋଶୀ ଦେଶ ମଧ୍ୟରେ ଜୋରଦାର ଲଢେଇ । ପାକିସ୍ତାନ-ଆଫଗାନିସ୍ତାନ ମଧ୍ୟରେ ଭୟଙ୍କର ଯୁଦ୍ଧ ଆରମ୍ଭ । ପାକ୍ ଉପରେ ପ୍ରତିଶୋଧ ନେଇ ଆକ୍ରମଣ କରିବା ପରେ ଆଫଗାନ ଉପରେ ପାଲଟା ଆଟାକ କରିଛି । ପାକିସ୍ତାନ ବିରୋଧରେ ଆଫଗାନିସ୍ତାନର ବଡ଼ ସାମରିକ ଅଭିଯାନ । ତାରିବାନ ବିରୋଧରେ 'ଓପନ୍ ୱାର ଘୋଷଣା କରିଛନ୍ତି ପାକ୍ ପ୍ରତିରକ୍ଷା ମନ୍ତ୍ରୀ ଖ୍ୱାଜା ଆସିଫ୍ । ଆଫଗାନିସ୍ତାନର ଏୟାର ଷ୍ଟ୍ରାଇକ୍ ପରେ ପାକିସ୍ତାନର ବୋମାମାଡ଼ କରିଛି । କାବୁଲ, ପାକତିଆ, କାନ୍ଦାହାରରେ ତାଲିବାନ ଟାର୍ଗେଟକୁ ଆକ୍ରମଣ ହୋଇଛି । ପାକିସ୍ତାନ ଆକ୍ରମଣକୁ ସ୍ୱୀକାର କରିଛି ଆଫଗାନିସ୍ତାନ । ପାକିସ୍ତାନ 'ଅପରେସନ 'ଗଜାବ ଲିଲ ହକ୍' ସହିତ ପ୍ରତିଶୋଧ ନେଇଛି । ଏହି ଅପରେସନ୍‌ରେ ୧୩୩ ଆଫଗାନିସ୍ତାନ ସେନାଙ୍କୁ ହତ୍ୟା କରିଥିବା ଦାବି କରିଛି ପାକିସ୍ତାନ । ସେପଟେ ଗତ ସପ୍ତାହରେ ହୋଇଥିବା ଆକ୍ରମଣର ପ୍ରତିଶୋଧ ନେଇ ୧୯ ଚେକ୍‌ପୋଷ୍ଟ କବ୍‌ଜା କରିବା ସହ ଆକ୍ରମଣରେ ୫୫ ପାକ୍ ସେନା ନିହତ ହୋଇଥିବା ଦାବି କରିଛି ଆଫଗାନ । ପାକିସ୍ତାନ-ଆଫଗାନିସ୍ତାନ ଯୁଦ୍ଧ- ଗତ କିଛି ଦିନ ହେବ ଲାଗି ରହିଥିବା ଉତେଜନା ଚରମ ସ୍ଥିତିରେ ପହଂଚିଛି । ପାକିସ୍ତାନ ଏବଂ ଆଫଗାନିସ୍ତାନ ମଧ୍ୟରେ ଭୟଙ୍କର ଯୁଦ୍ଧ ଆରମ୍ଭ ହୋଇଛି ।

## କାମ ଭଲ ହେଲେ ପିସି କିମ୍ବା ଲାଟଂ ପ୍ରଶ୍ନ ଉଠିବ ନାହିଁ: ଉପମୁଖ୍ୟମନ୍ତ୍ରୀ



ଭୁବନେଶ୍ୱର,୨୭/୨: ଲୋକଙ୍କ ନଜର ଆମମାନଙ୍କ ଉପରେ । ଆମ ନଜର ଆପଣଙ୍କ ଉପରେ । ଆପଣଙ୍କ ନଜର କାମ ଉପରେ ହେବା ନିତ୍ୟାନ୍ତ ଆବଶ୍ୟକ । ମୁଁ ମାତ୍ର ଗୋଟିଏ ବର୍ଷ ମାଗୁଛି । କାହା କଥା ନ ଶୁଣି କାମ ଉପରେ ଧ୍ୟାନ ଦିଅନ୍ତୁ । ଉତ୍କର୍ଷ ନିମାପଡ଼ା ଗଠନରେ ଅଗ୍ରଯୋଦ୍ଧା ହୁଅନ୍ତୁ । କାମ ଭଲ ହେଲେ ପିସି କିମ୍ବା ଲାଟଂ ପ୍ରଶ୍ନ ଉଠିବ ନାହିଁ । ଖାଲି ଭିତ୍ତିଭୂମି ପ୍ରସ୍ତୁତ ହେଲେ ହେବ ନାହିଁ, ବରଂ ଲୋକଙ୍କ ଜୀବନ ଧାରଣର ମାନ ଉନ୍ନତ ହେବା ଜରୁରୀ । ଉଭୟ କାମ ସମାନ୍ତରାଳ ଭାବରେ ଚାଲିବ । ଗୋଟିଏ ବର୍ଷ ଏଭଳି ଚାଲିଲେ ସ୍ୱପ୍ନ ସାକାର ହେବ ଏଥିରେ ଦ୍ୱିମତ ନାହିଁ । ମୁଁ କାଗଜପତ୍ରରେ ହିସାବ ମାଗିବାକୁ ଡାକିନାହିଁ, ବରଂ କାମ କରିବାକୁ ନିବେଦନ କରୁଛି । କାମ କରିଚାଲ । ଦେଖିବ ସବୁ କାଗଜପତ୍ର ଆପେ ଠିକ୍ ହେଇଯିବ । ନିମାପଡ଼ାରେ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟର ସମୀକ୍ଷା କଲାବେଳେ ଆଜି ବିଭାଗୀୟ ଅଧିକାରୀମାନଙ୍କୁ ଏଭଳି ଗୁରୁମନ୍ତ୍ର ଦେଇଛନ୍ତି ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା । ଶ୍ରୀମତୀ ପରିଡ଼ା କହିଛନ୍ତି, ନିମାପଡ଼ା ପାଇଁ ମୁଁ ଉପରମୁଣ୍ଡରେ ଲଢ଼େଇ କରି ଫଣ୍ଡ ଆଣୁଛି । ଆଉ କେଉଁଠି କେଉଁଠି ବିକାଶ ପାଇଁ ଅର୍ଥ ପ୍ରତିବନ୍ଧକ ହେଲେ ମୋତେ କୁହ, ପୁଣି ଅର୍ଥ ଆସିବ । ହେଲେ କାମରେ ଅବହେଳା ବରଦାସ୍ତ କରିହେବ ନାହିଁ । ଆପଣମାନଙ୍କର ଜନ୍ମସ୍ଥାନ ଆଉ କେଉଁଠି ହୋଇଥାଇପାରେ ? ହେଲେ ଆପଣମାନଙ୍କର କର୍ମସ୍ଥଳ ଏଇଠି । ଏଣୁ ଏଭଳି କାମ କର; ଯାହା ଉଭୟ, ଜନ୍ମ ଓ କର୍ମସ୍ଥଳରେ ଏକ ନୂଆ ପରିଚୟ ସୃଷ୍ଟି କରିପାରିବ । ସ୍କୁଲ୍, କଲେଜ୍ ପିଲାମାନେ ଏବେ ଡ୍ରଗ୍ସ ବେପାରରେ ପଶି ଯାଇଛନ୍ତି । କିଏ ସେମାନଙ୍କୁ ପୁରାଇଛି ? ଆସୁଛି କେଉଁଠୁ, ଯାଉଛି କୁଆଡ଼େ ? ଏ ସବୁର ହିସାବ ମୁଁ ମାଗୁନାହିଁ । ଏସ୍ୱି ଆମ ସହ ଅଛନ୍ତି ।

## ମାର୍ଚ୍ଚ ୧୯ରୁ ମାଟ୍ରିକ ଖାତା ମୂଲ୍ୟାୟନ

ଭୁବନେଶ୍ୱର, ୨୭/୨(ନି/ପ୍ର): ମାଟ୍ରିକ୍ ରେଜଲ୍ଟକୁ ନେଇ ମାଧ୍ୟମିକ ଶିକ୍ଷା ପରିଷଦ ପକ୍ଷରୁ ବଡ଼ ଅପଡେଟ୍ । ମେ ଦ୍ୱିତୀୟ ସପ୍ତାହ ସୁଦ୍ଧା ବାହାରିବ ମାଟ୍ରିକ ରେଜଲ୍ଟ । ୫୧ଟି କେନ୍ଦ୍ରରେ ଖାତା ଦେଖା ହେବ । ମାର୍ଚ୍ଚ ୧୯ରୁ ବିଭିନ୍ନ ସେଟଂରରେ ମାଟ୍ରିକ୍ ଖାତା ଦେଖା ହେବ । ଏନେଇ ବୋର୍ଡ ସଭାପତି ଶ୍ରୀକାନ୍ତ ତରାଇ ସୂଚନା ଦେଇଛନ୍ତି । ଅନ୍ୟପକ୍ଷରେ ମାଟ୍ରିକ୍ ପରୀକ୍ଷା ଖାତା ଦେଖା ମାର୍ଚ୍ଚ ୧୯ ତାରିଖରୁ ଆରମ୍ଭ ହେବ । ଏହି ମୂଲ୍ୟାୟନ ପ୍ରକ୍ରିୟା ଏପ୍ରିଲ୍ ୨ ତାରିଖ ସୁଦ୍ଧା ଶେଷ କରିବା ପାଇଁ ବୋର୍ଡ ପକ୍ଷରୁ ସମୟ ଧାର୍ଯ୍ୟ କରାଯାଇଛି । ମାଟ୍ରିକ୍ ସହ ଷ୍ଟେଟ୍ ଓପନ୍ ସ୍କୁଲ୍ ସାର୍ଟିଫିକେଟ୍ (ଏସ୍‌ଓଏସ୍ସି)ଓ ସଂସ୍କୃତ ମଧ୍ୟମା ଖାତା ଦେଖା ପାଇଁ ୩୦ ଟି ଜିଲ୍ଲାରେ ସମୁଦାୟ ୫୧ ଟି ମୂଲ୍ୟାୟନ କେନ୍ଦ୍ର ହୋଇଛି ।

## କଲକତାରେ ଭୂମିକମ୍ପ ଝଟକା

କଲକତା,୨୭/୨:କଲକତାରେ ଶକ୍ତିଶାଳୀ ଭୂକମ୍ପ । ପଶ୍ଚିମବଙ୍ଗର ରାଜଧାନୀ କୋଲକାତାରେ ଭୂମିକମ୍ପ ଝଟକା ଅନୁଭୂତ ହୋଇଛି । ଅପରାହ୍ନ ପ୍ରାୟ ୧ଟା୨୦ ସମୟରେ ଭୂମିକମ୍ପ ହୋଇଥିଲା । କଲକତା ସମେତ ରାଜ୍ୟର ବିଭିନ୍ନଜିଲାରେ ଝଟକା ଅନୁଭୂତ ହୋଇଛି । ରିକ୍ଟର ସ୍କେଲରେ ଭୂମିକମ୍ପର ତୀବ୍ରତା ୫.୪ ରେକର୍ଡ କରାଯାଇଛି । ସୂଚନାଯୋଗ୍ୟ, ଏହି ଭୂକମ୍ପର କେନ୍ଦ୍ରସ୍ଥଳ ବାଂଲାଦେଶ ଥିଲା । ଏହି ଝଟକା ଯୋଗୁଁ ସ୍ଥାନୀୟ ବାସିନ୍ଦାଙ୍କ ମଧ୍ୟରେ ଆତଙ୍କ ସୃଷ୍ଟି ହୋଇଥିଲା, ସତର୍କତାମୂଳକ ପଦକ୍ଷେପ ସ୍ୱରୂପ ଅନେକ ଲୋକ ଅଫିସ ଏବଂ କୋଠାରୁ ବାହାରକୁ ବାହାରି ଆସିଥିଲେ । କେନ୍ଦ୍ରସ୍ଥଳ ସହରଠାରୁ ପ୍ରାୟ ୮ କିଲୋମିଟର ଦୂରରେ ଥିଲା । ଭୂମିକମ୍ପର ତୀବ୍ରତା ନେଇ ଅନିଶ୍ଚିତତା ମଧ୍ୟରେ ଅନେକ ବାଣିଜ୍ୟିକ କେନ୍ଦ୍ରରେ କର୍ମଚାରୀମାନେମଧ୍ୟଶୀଘ୍ରକର୍ମକ୍ଷେତ୍ରଖାଲି କରିଖୋଲାସ୍ଥାନରେଏକାଠିହୋଇଥିଲେ ।

## ଅବକାରୀ ଦୁର୍ନୀତି ମାମଲାରେ କେଜରିୱାଲ ଓ ସିସୋଦିଆ ମୁକ୍ତ



ନୂଆଦିଲ୍ଲୀ,୨୭/୨: ଦିଲ୍ଲୀର ଏକ ଅଦାଲତ ଶୁକ୍ରବାର ଦିଲ୍ଲୀର ପୂର୍ବତନ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜରିୱାଲ, ଉପମୁଖ୍ୟମନ୍ତ୍ରୀ ମନୀଷ ସିସୋଦିଆ ଏବଂ ତେଲେଙ୍ଗାନା ଜାଗୃତି ଅଧ୍ୟକ୍ଷ କେ କବିତାଙ୍କ ସମେତ ଦିଲ୍ଲୀ ଅବକାରୀ ନୀତି ମାମଲାରେ ସମସ୍ତ ୨୩ ଅଭିଯୁକ୍ତଙ୍କୁ ମୁକ୍ତ କରିଛି । ସ୍ୱତନ୍ତ୍ର ବିଚାରପତି (ପିସି ଆକ୍ଟ) ଜିତେନ୍ଦ୍ର ସିଂହ ଅଭିଯୁକ୍ତଙ୍କ ବିରୁଦ୍ଧରେ କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ (ସିବିଆଇ) ଦ୍ୱାରା ଆରମ୍ଭ ହୋଇଥିବା ମାମଲା ବନ୍ଦ କରିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି । ଏହାସହ ଅବକାରୀ ନୀତିରେ କୌଣସି ବ୍ୟାପକ ଷଡ଼ଯନ୍ତ୍ର କିମ୍ବା ଅପରାଧିକ ଉଦ୍ଦେଶ୍ୟ ନଥିଲା ବୋଲି ରାୟ ଦେଇଛନ୍ତି ବିଚାରପତି । ଅଦାଲତ ରାୟ ଶୁଣାଇ କହିଛନ୍ତି ଯେ କେବଳ ଅନୁମାନ ଆଧାରରେ ସିବିଆଇ ଷଡ଼ଯନ୍ତ୍ରର ଏକ କାହାଣୀ ଗଠନ କରିବାକୁ ଚେଷ୍ଟା କରିଥିବାରୁ ପବ୍ଲିକ ପ୍ରସିକ୍ୟୁସନ ମାମଲା ନ୍ୟାୟିକ ଯାଚଂରୁ ବଚିଂ ନାହିଁ । ତେଣୁ ଅଦାଲତ ଏହି ସିଦ୍ଧାନ୍ତରେ ପହଚିଂଛି ଯେ ୨୩ ଅଭିଯୁକ୍ତଙ୍କ ମଧ୍ୟରୁ କାହା ବିରୁଦ୍ଧରେ କୌଣସି ପ୍ରଥମ ଦୃଷ୍ଟିକୋଣ ମାମଲା ପ୍ରସ୍ତୁତ ହୋଇନାହିଁ । ଅଦାଲତ ମଧ୍ୟ ଅନୁମୋଦନକାରୀଙ୍କ ବୟାନ ମାଧ୍ୟମରେ ମାମଲା ଗଠନ କରିବା ପାଇଁ ସିବିଆଇକୁ ଭର୍ତ୍ସନା କରିଛନ୍ତି । ଏହା ମଧ୍ୟ କହିଛନ୍ତି ଯେ ଏହା ଜଣେ ସରକାରୀ କର୍ମଚାରୀ (କୁଲଦୀପ ସିଂହ)ଙ୍କୁ ମାମଲାରେ ପ୍ରଥମ ଅଭିଯୁକ୍ତ କରିଥିବା ସିବିଆଇ ଅଧିକାରୀଙ୍କ ବିରୁଦ୍ଧରେ ବିଭାଗୀୟ ତଦନ୍ତ ସୁପାରିଶ କରିବ । ଦିଲ୍ଲୀ ଅବକାରୀ ନୀତି ମାମଲା ଦିଲ୍ଲୀ ସରକାରଙ୍କ ୨୦୨୧ -୨୨ ଉତ୍ପାଦ (ମଦ) ନୀତି ସହିତ ଜଡିତ ଦୁର୍ନୀତିର ଅଭିଯୋଗରୁ ଆରମ୍ଭ ହୋଇଥିଲା, ଯାହାକୁ ପରେ ବିବାଦ ମଧ୍ୟରେ ବାତିଲ କରିଦିଆଯାଇଥିଲା । ସିବିଆଇ ମାମଲା କରିଥିଲା ଯେ, ଆପ ସରକାର ଦ୍ୱାରା ପ୍ରଚଳିତ ନୀତି, ହ୍ରାସିତ ଫି ଏବଂ ଏକ ସ୍ଥିର ମାର୍ଜିନ୍ ମାଧ୍ୟମରେ କିଛି ନିର୍ଦ୍ଦିଷ୍ଟ ଘରୋଇ ସଂସ୍ଥାକୁ ସମର୍ଥନ କରିଥିଲା, ଯାହା ଅଭିଯୋଗ ଅନୁଯାୟୀ କିକ୍ ବ୍ୟାକ୍ ସୃଷ୍ଟି କରିଥିଲା । ୨୦ ଜୁଲାଇ, ୨୦୨୨ରେ ଲେଫ୍ଟନାଟଂ ଗଭର୍ଣ୍ଣର ଭିକେ ସାକ୍ସେନାଙ୍କ ଅଭିଯୋଗ ଉପରେ ସିବିଆଇ ମାମଲା ପଞ୍ଜୀକୃତ ହୋଇଥିଲା । ନୀତି ଗଠନ ପର୍ଯ୍ୟାୟରେ ମନୀଷ ସିସୋଦିଆ ଏବଂ ଅରବିନ୍ଦ କେଜ୍ରିୱାଲ ସମେତ ଆପ ନେତା ଏବଂ ଅନ୍ୟାନ୍ୟ ବ୍ୟକ୍ତି ଓ ସଂସ୍ଥା ଦ୍ୱାରା ଏକ ଅପରାଧିକ ଷଡ଼ଯନ୍ତ୍ର ରଚନା କରାଯାଇଥିଲା ବୋଲି ଅଭିଯୋଗ ହୋଇଥିଲା । ଅବକାରୀ ଟେଣ୍ଡର ପ୍ରକ୍ରିୟାରେ କିଛି ମଦ ଲାଇସେନ୍ସଧାରୀ ଏବଂ ଷଡ଼ଯନ୍ତ୍ରକାରୀଙ୍କୁ ସନ୍ତୁଷ୍ଟ କରିବା ପାଇଁ ଏହି ନୀତି ପ୍ରଣୟନ ହୋଇଥିଲା ବୋଲି ଅଭିଯୋଗ ହୋଇଥିଲା । ୨୦୨୨-୨୩ରେ ଦିଲ୍ଲୀରେ ମଦ ଦୁର୍ନୀତି ଅଭିଯୋଗରେ ସିବିଆଇ କେସ ରୁଜୁ କରିଥିଲା । ପରେ ମନି ଲଣ୍ଡ୍ରିଂ ମାମଲାରେ ଇଡି ମାମଲା ରୁଜୁ କରିଥିଲା । ଆମ୍ ଆଦମୀ ପାର୍ଟିର ବହୁ ନେତା ଏହି ମାମଲାରେ ଜେଲ୍ ଯାଇଥିଲେ ।

## ମହାନଦୀ ଜଳ ବିବାଦ ପ୍ରସଙ୍ଗ:

### ନୂଆ ଅଧ୍ୟକ୍ଷଙ୍କ ନେତୃତ୍ୱରେ ପହଚିଂଲେ ୩ ଜଣିଆ ଖଣ୍ଡପୀଠ



ଝାରସୁଗୁଡ଼ା/ବୁର୍ଲା,୨୭/୨(ନି/ପ୍ର): ଓଡ଼ିଶା ଗସ୍ତରେ ଆସିଛନ୍ତି ମହାନଦୀ ଟ୍ରିବ୍ୟୁନାଲ୍ ଟିମ୍ । ଟ୍ରିବ୍ୟୁନାଲ୍‌ର ନୂଆ ଅଧ୍ୟକ୍ଷ ଜଷ୍ଟିସ୍ ବେଲା ଏମ୍. ତ୍ରିବେଦୀଙ୍କ ନେତୃତ୍ୱରେ ୩ ଜଣିଆ ଖଣ୍ଡପୀଠ ଓ ସେମାନଙ୍କ ପରିବାର ସଦସ୍ୟ ଗୁରୁବାର ସନ୍ଧ୍ୟାରେ ଝାରସୁଗୁଡ଼ା ବୀର ସୁରେନ୍ଦ୍ର ସାଏ ବିମାନବନ୍ଦରରେ ପହଚିଂ ଥିଲେ । ଆଡ୍‌ଭୋକେଟ୍ ଜେନେରାଲ ପୀତାମ୍ବର ଆଚାର୍ଯ୍ୟ ମଧ୍ୟ ସେମାନଙ୍କ ସହ ରହିଥିଲେ । ବିମାନବନ୍ଦରରେ ଉତରାଂଚଳ ପୁଲିସ ଆଇଜି ହିମାଂଶୁ ଲାଲ, ଜିଲ୍ଲାପାଳ କୁନାଲ ମୋତିରାମ ଚହ୍ୱାଣ, ଏସ୍‌ପି ଗୁଣ୍ଡାଲା ରେଡ୍ଡୀ ରାଘବେନ୍ଦ୍ର ପ୍ରମୁଖ ଉପସ୍ଥିତ ଥିଲେ । ବିମାନବନ୍ଦରରେ ଔପଚାରିକ ସ୍ୱାଗତ ପରେ ଟିମ୍ ସିଧା ସମ୍ବଲପୁର ଅଭିମୁଖେ ଆସି ହୀରାକୁଦ ବନ୍ଧ ରାଇଟ୍ ଡାଇକ୍‌ରେ ଥିବା ଅତିଥିଶାଳା ଅଶୋକନିବାସରେ ପହଚିଂ ଥିଲେ । ସୁରକ୍ଷା ଦୃଷ୍ଟିରୁ ବୁର୍ଲାଠାରେ ବ୍ୟାପକ ପୁଲିସ ବଳ ମୁତୟନ କରାଯାଇଛି । ଟ୍ରିବ୍ୟୁନାଲ୍‌ର ଅଧ୍ୟକ୍ଷ ଜଷ୍ଟିସ୍ ବେଲା ଏମ୍. ତ୍ରିବେଦୀଙ୍କ ସହ ଦଳରେ ଜଷ୍ଟିସ୍ ଡ. ରବିରଞ୍ଜନ, ଜଷ୍ଟିସ୍ ଇନ୍ଦରମିତ କୌର କୋଚର, ଭବ୍ୟା ପ୍ରିୟଦର୍ଶିନୀ, ଆସେସର ଏକେ ସିଂହ ଓ କ୍ରିଷ୍ଣାନୁନ୍ନି ଏନ୍‌ଏମ୍, ରେଜିଷ୍ଟ୍ରାର ଚନ୍ଦନ ମୁଖାର୍ଜୀ, ପିପିଏସ୍ ଅନୀଲ ଦନ୍ତଶର୍ମା, ପିଏସ୍ ସୁଜିତ କୁମାର ଗିରି ଓ ଏସ୍‌ଓ ମନୋଜ କୁମାର ରହିଛନ୍ତି । ଶୁକ୍ରବାର ଦିନ ୧୦ଟାରେ ଏହି ଟିମ୍ ହୀରାକୁଦ ନଦୀବନ୍ଧର ଡାହାଣ ସ୍ପିଲୱେ ପରିଦର୍ଶନ କରି ସାଢ଼େ ଏଗାରଟାରେ ବୁର୍ଲା ପାୱାର ହାଉସ୍ ପରିଦର୍ଶନ କରିବେ । ଅପରାହ୍ନ ୩ଟାରେ ଚିପିଲିମା ପାୱାର ହାଉସ୍ ପରିଦର୍ଶନ ପରେ ହୀରାକୁଦ କମାଣ୍ଡ ଅଚଂଳ ସହ ଡେବ୍ରିଗଡ଼ ଅଭୟାରଣ୍ୟ ପରିଦର୍ଶନ କରିବାର କାର୍ଯ୍ୟକ୍ରମ ରହିଛି । ଶନିବାର ଦିନ ୧୦ଟାରେ ସମଲେଶ୍ୱରୀ ଦର୍ଶନ ପରେ ଅପରାହ୍ନରେ ଝାରସୁଗୁଡ଼ା ବିମାନବନ୍ଦର ଅଭିମୁଖେ ଯାତ୍ରା କରିବେ ।

## ଡିଏମ୍‌କେରେ ଯୋଗଦେଲେ ତାମିଲନାଡୁର ପୂର୍ବତନ ମୁଖ୍ୟମନ୍ତ୍ରୀ ପନ୍ନିରସେଲଭମ୍



ଚେନ୍ନାଇ,୨୭/୨: ତାମିଲନାଡୁରେ ଚଳିତ ବର୍ଷ ବିଧାନସଭା ନିର୍ବାଚନ ଅନୁଷ୍ଠିତ ହେବାକୁ ଥିବାବେଳେ ରାଜନୈତିକ ମହଲରେ ନୂଆ ସମୀକରଣ ଦେଖିବାକୁ ମିଳିଛି । ତାମିଲନାଡୁର ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ଏଆଇଏଡିଏମ୍‌କେରୁ ବିତାଡ଼ିତ ନେତା ଓ ପନ୍ନିରସେଲଭମ୍ (ଓପିଏସ୍) ଶୁକ୍ରବାର ଶାସକ ଦଳ ଡିଏମ୍‌କେରେ ଯୋଗ ଦେଇଛନ୍ତି । ଏଆଇଏଡିଏମକେର ଦିବଂଗତ ନେତ୍ରୀ ଜେ ଜୟଲଳିତାଙ୍କ ଅନୁଗତ ଭାବେ ପରିଚିତ ପନ୍ନିରସେଲଭମ୍‌ଙ୍କୁ ମୁଖ୍ୟମନ୍ତ୍ରୀ ଏମକେ ଷ୍ଟାଲିନ୍ ଦଳର ଅନ୍ୟ ବରିଷ୍ଠ ନେତାଙ୍କ ଉପସ୍ଥିତିରେ ଡିଏମ୍‌କେରେ ସାମିଲ କରିଛନ୍ତି । ଚେନ୍ନାଇ ସ୍ଥିତ ଡିଏମ୍‌କେ ମୁଖ୍ୟାଳୟରେ ଏହିମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଥିଲା । ଆସନ୍ତା ବିଧାନସଭା ନିର୍ବାଚନରେ ଓପିଏସ୍‌ଙ୍କୁ ତାଙ୍କ ନିଜ ନିର୍ବାଚନ ମଣ୍ଡଳୀ ଥେନିର ବୋଡ୍ଡୁ ମେଟ୍ଟୁ ବିଧାନସଭା ଆସନରୁ ଛିଡ଼ା କରାଯିବ । ଓପିଏସ୍ ଓ ଡିଏମ୍‌କେ ନେତାଙ୍କ ମଧ୍ୟରେ ଅନେକ ଥର ଆଲୋଚନା ପରେ ତାଙ୍କୁ ଡିଏମକେରେ ସାମିଲ କରାଯାଇଛି । ମନ୍ତ୍ରୀ ପିଏସ୍ ଶେକର ବାବୁଙ୍କର ଏଥିରେ ବଡ଼ ଭୂମିକା ରହିଥିଲା । ପନ୍ନିରସେଲଭମଙ୍କୁ ସାମିଲ କରିବା ଦ୍ୱାରା ଡିଏମ୍‌କେ ଦକ୍ଷିଣ ତାମିଲନାଡୁରେ ଏହାର ସ୍ଥିତି ମଜଭୁତ କରିଛି । ବିଶେଷ କରି ଥେଭର ବେଲ୍ଟରେ ପନ୍ନିରସେଲଭରଙ୍କର ପ୍ରଭାବ ରହିଥିବାରୁ ଡିଏମ୍‌କେକୁ ଏଥିରେ ଲାଭ ମିଳିବ । ଡିଏମ୍‌କେରେ ପନ୍ନିରସେଲଭମ୍‌ଙ୍କ ଯୋଗଦାନ ଦକ୍ଷିଣ ତାମିଲନାଡୁରେ ଏଆଇଏଡିଏମ୍‌କେ ସ୍ଥିତିକୁ ଅଧିକ ଦୁର୍ବଳ କରିବ । ଡିଏମ୍‌କେରେ ଯୋଗଦେବା ପରେ ଓପିଏସ୍‌ଏଆଇଏଡିଏମ୍‌କେ ମୁଖ୍ୟ ଇଡପ୍ପାଦି କେ ପଲାନିସ୍ୱାମ (ଇପିଏସ୍)ଙ୍କୁ ତୀବ୍ର ସମାଲୋଚନା କରିଛନ୍ତି । ଓପିଏସ୍ ପଲାନିସ୍ୱାମୀଙ୍କୁ ସମାଲୋଚନା କରି କହିଛନ୍ତି ଯେ, ଇପିଏସ୍‌ଙ୍କ ଅହଙ୍କାର ଓ କ୍ଷମତାର ଅପବ୍ୟବହାର ଯୋଗୁ ଦଳ ଏପରି ସ୍ଥିତିରେ ପହଚିଂଯାଇଛି ଯେ, ଏହା ଆଉ କେବେ ନିର୍ବାଚନ ଜିତି ପାରିବ ନାହିଁ । ପଲାନିସ୍ୱାମୀ ସ୍ୱେଚ୍ଛାଚାରୀ ଭାବେ ଦଳକୁ ପରିଚାଳନା କରୁଛନ୍ତି ବୋଲି ଓପିଏସ୍ କହିଛନ୍ତି । ମୁଖ୍ୟମନ୍ତ୍ରୀ ଷ୍ଟାଲିନ୍‌ଙ୍କ ସୁଶାସନରେ ରାଜ୍ୟରେ ଉନ୍ନତି ଘଟିଛି ବୋଲି ସେ କହିଛନ୍ତି । ତିନିଥର ତାମିଲନାଡୁ ମୁଖ୍ୟମନ୍ତ୍ରୀ ଓପିଏସ୍ ଜୟଲଳିତାଙ୍କ ମୃତ୍ୟୁ ପରେ ଦଳ ଭିତରେ ତୀବ୍ର କ୍ଷମତା କନ୍ଦଳର ସମ୍ମୁଖୀନ ହୋଇଥିଲେ । ପଲାନିସ୍ୱାମୀଙ୍କ ସହିତ ତାଙ୍କ ଶତ୍ରୁତା ପରେ ଏଆଇଏଡିଏମ୍‌କେର ସାଙ୍ଗଠନିକ ନିୟନ୍ତ୍ରଣ ହରାଇଥିଲେ । ନିଜର ଅଲଗା ଦଳ ପ୍ରତିଷ୍ଠା କରିଥିଲେ ମଧ୍ୟ ଏଥିରେ ସଫଳ ହୋଇନଥିଲେ । ୨୦୨୬ ବିଧାନସଭା ନିର୍ବାଚନ ପୂର୍ବରୁ ପନ୍ନିରସେଲଭମ୍ ଏଆଇଏଡିଏମ୍‌କେ କୁ ଫେରିବାକୁ ଚାହୁଥିଲେ ମଧ୍ୟ ପଲାନିସ୍ୱାମୀଙ୍କ ପକ୍ଷରୁ ଏହାକୁ ଗ୍ରହଣ କରାଯାଇଥିଲା । ପରେ ଓପିଏସ୍‌ଏଆଇଏଡିଏମ୍‌କେ ମୁଖ୍ୟ ଇଡପ୍ପାଦି କେ ପଲାନିସ୍ୱାମ (ଇପିଏସ୍)ଙ୍କୁ ତୀବ୍ର ସମାଲୋଚନା କରିଛନ୍ତି ।

## ମାର୍ଚ୍ଚ ୫ରେ ଓଡ଼ିଶା ଗସ୍ତରେ ଆସିବେ ଅମିତ ଶାହ



### ବିଭିନ୍ନ କାର୍ଯ୍ୟକ୍ରମରେ ଯୋଗଦେବେ

ଭୁବନେଶ୍ୱର,୨୭/୨(ନି/ପ୍ର): ଆସନ୍ତା ମାର୍ଚ୍ଚ ୫ ତାରିଖରେ କେନ୍ଦ୍ର ଗୃହ ଓ ସମବାୟ ମନ୍ତ୍ରୀ ଅମିତ ଶାହ ଦୁଇଦିନିଆ ଓଡ଼ିଶା ଗସ୍ତରେ ଆସିବେ । ଶାହଙ୍କ ଓଡ଼ିଶା ଗସ୍ତ ନଜରରେ ରଖି ରାଜ୍ୟ ସରକାରଙ୍କ ପକ୍ଷରୁ ଗତକାଲି ସଂଧ୍ୟାରେ ଏକ ଉଚ୍ଚସ୍ତରୀୟ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ଲୋକସେବା ଭବନରେ ମୁଖ୍ୟ ସଚିବ ଅନୁ ଗର୍ଗଙ୍କ ଅଧ୍ୟକ୍ଷତାରେ ବସିଥିବା ଏହି ବୈଠକରୁ ଜାଣିବାକୁ ମିଳିଛି ଯେ କେନ୍ଦ୍ରମନ୍ତ୍ରୀ ଶ୍ରୀ ଶାହ ମାର୍ଚ୍ଚ ୫ ତାରିଖ ସଂଧ୍ୟାରେ ସ୍ୱତନ୍ତ୍ର ବାୟୁସେନା ବିମାନରେ ନୂଆଦିଲ୍ଲୀରୁ ଆସି ଓଡ଼ିଶାରେ ପହଚିଂବେ । ୬ ତାରିଖ ପୂର୍ବାହ୍ନରେ କଟକ ମୁଣ୍ଡୁଳିସ୍ଥିତସିଆଇଏସଏଫର ପ୍ରତିଷ୍ଠା ଦିବସ କାର୍ଯ୍ୟକ୍ରମରେ ଯୋଗଦେବେ । ଅପରାହ୍ନରେ ଖୋର୍ଦ୍ଧା ଜିଲ୍ଲା ଜଟଣୀ ଠାରେ ଜାତୀୟ ଫୋରେନ୍ସିକ୍ ବିଜ୍ଞାନ ବିଶ୍ୱବିଦ୍ୟାଳୟ (ଏନଏଫଏସୟୁ) ଏବଂ କେନ୍ଦ୍ରୀୟ ଫୋରେନ୍ସିକ୍ ବିଜ୍ଞାନ ପରୀକ୍ଷାଗାର ( ସିଏଫଏସଏଲ), ଭୁବନେଶ୍ୱର କ୍ୟାମ୍ପସ ପାଇଁ ଭୂମି ପୂଜନ କରିବା ସହ ଆଭାସୀ ମାଧ୍ୟମରେ ଏନଏଫଏସୟୁ ଟ୍ରାନଜିଟ୍ କ୍ୟାମ୍ପସ , ଭୁବନେଶ୍ୱରର ଶୁଭ ଉଦ୍ଘାଟନ କରିବେ । ସେଦିନ ଅପରାହ୍ନରେ କେନ୍ଦ୍ରମନ୍ତ୍ରୀ ଶ୍ରୀ ଶାହ ଭୁବନେଶ୍ୱରସ୍ଥିତ ଇଡକୋ ପ୍ରଦର୍ଶନୀ ପଡ଼ିଆଠାରେ ନବୀନ ନ୍ୟାୟ ସଂହିତା ପ୍ରଦର୍ଶନୀକୁ ଉଦ୍ଘାଟନ କରିବା ସହ ସମବାୟ ଏବଂ ଅନ୍ୟ ବିଭିନ୍ନ ବିଭାଗ ପ୍ରକଳ୍ପଗୁଡିକର ଶିଳାନ୍ୟାସ ଓ ଉଦଘାଟନ କରିବାର କାର୍ଯ୍ୟକ୍ରମ ରହିଛି । ବୈଠକରେ କେନ୍ଦ୍ର ଗୃହମନ୍ତ୍ରୀଙ୍କ ଗସ୍ତ ସମୟର ବିଶଦ୍ କାର୍ଯ୍ୟସୂଚୀ, ସୁରକ୍ଷା ବ୍ୟବସ୍ଥା, ଟ୍ରାଫିକ୍ ଓ ରୁଟ୍ ପ୍ଲାନ, କାର୍ଯ୍ୟକ୍ରମ ସ୍ଥଳର ଆନୁଷଙ୍ଗିକ ପ୍ରସ୍ତୁତି ଉପରେ ବିସ୍ତୃତ ଆଲୋଚନା କରାଯାଇଥିଲା । କେନ୍ଦ୍ର ଗୃହମନ୍ତ୍ରୀଙ୍କ ଗସ୍ତକୁ ସୁଚାରୁ ଓ ସଫଳ କରିବା ପାଇଁ ସମସ୍ତ ବିଭାଗମାନଙ୍କୁ ପାରସ୍ପରିକ ସମନ୍ୱୟ ରଖି ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ସମସ୍ତ ପ୍ରସ୍ତୁତି ଶେଷ କରିବାକୁ ମୁଖ୍ୟ ସଚିବ ନିର୍ଦ୍ଦେଶ ଦେଇଛନ୍ତି । ରାଜ୍ୟ ସରକାର ପକ୍ଷରୁ କେନ୍ଦ୍ର ଗୃହମନ୍ତ୍ରୀଙ୍କ ଓଡିଶା ଗସ୍ତ ପରିପ୍ରେକ୍ଷୀରେ ସମସ୍ତ ପ୍ରକାର ପ୍ରସ୍ତୁତି ନିଶ୍ଚିତ କରିବାକୁ ଗୃହ, ଶିଳ୍ପ ଏବଂ ସୂଚନା ଓ ଲୋକ ସଂପର୍କ ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ହେମନ୍ତ ଶର୍ମା ବିଭନ୍ନ ପ୍ରସ୍ତୁତି ନେଇ ସୂଚନା ଦେଇଥିଲେ । ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ରାଜ୍ୟ ପୁଲିସ୍ ମହାନିର୍ଦ୍ଦେଶକ ୱାଇ.ବି. ଖୁରାନିଆ, ସମବାୟ ବିଭାଗର ସଚିବ ରାଜେଶ ପ୍ରଭାକର ପାଟିଲ, ବିଏମସି କମିସନର ଚଂଚଳ ରଣା, ଖୋର୍ଦ୍ଧା ଜିଲ୍ଲାପାଳଙ୍କ ସମେତ ବିଭିନ୍ନ ବିଭାଗର ସଚିବ, ବରିଷ୍ଠ ପଦାଧିକାରୀ ଓ ପୁଲିସ ଅଧିକାରୀମାନେ ଉପସ୍ଥିତ ଥିଲେ । କଟକ ଜିଲ୍ଲାପାଳ ଆଭାସୀ ମାଧ୍ୟମରେ ବୈଠକରେ ଯୋଗଦେଇଥିଲେ ।

ଉତ୍କଳ ସମାଚାର

# ସମ୍ପାଦକୀୟ...

**ଶନିବାର ୨୮ ଫେବୃଆରୀ ୨୦୨୬**

## ଗୁଞ୍ଜରିତ ଭାରତ

ମିଶ୍ରିତ ରୋପଣ ନିମିତ ଏଇ ବୃକ୍ଷ ଜାତିମାନଙ୍କୁ ଏପରି ଚୟନ କରାଯିବ, ଯେପରି ସେମାନଙ୍କର ଫୁଲ ଫୁଟିବା ଋତୁ ଭିନ୍ନଭିନ୍ନ ହୋଇଥିବ, ଯାହା ଫଳରେ ବର୍ଷର କୌଣସି ସମୟରେ ମହୁମାଛିମାନଙ୍କ ପାଇଁ ଖାଦ୍ୟାଭାବ ଦେଖାଦେବ ନାହିଁ। ଅର୍ଥାତ୍ ମହୁମାଛିମାନେ ବର୍ଷ ସାରା ସଂପୃକ୍ତ ଅଚଂଳରେ ମହୁ ଖାଇବାକୁ ପାଇ ମନ ଆନନ୍ଦରେ ଗୁଣୁଗୁଣୁ ଗୀତ ଗାଇ ପରିବେଶକୁ ଗୁଞ୍ଜରିତ କରିବାକୁ ଲାଗିବେ। କେବଳ ବସନ୍ତ ନୁହେଁ, ପ୍ରତ୍ୟେକ ଋତୁରେ ସେମାନଙ୍କର ଗୁଞ୍ଜନ ସମସ୍ତଙ୍କୁ ପୁଲକିତ କରିବ। ଆମେରିକୀୟ ସାମୁଦ୍ରିକ ଜୈବବିଜ୍ଞାନୀ ରାଚେଲ୍ କାର୍ସନ୍‌ଙ୍କର ୧୯୬୨ରେ ପ୍ରକାଶିତ ଯେଉଁ ପୁସ୍ତକକୁ ଆଧୁନିକ ପରିବେଶ ସୁରକ୍ଷା ଆନ୍ଦୋଳନର ଆବାହକ ରୂପେ ସ୍ୱୀକାର କରାଯାଇଥାଏ, ତାହାର ଶୀର୍ଷକ ହେଉଛି, 'ସାଇଲେଂଟ ସ୍ପ୍ରିଙ୍ଗ୍' ('ନିରବ ବସନ୍ତ')। ଆଧୁନିକ ସମୟରେ ମନୁଷ୍ୟ ହାସଲ କରିଥିବା ଚମକପ୍ରଦ ଅର୍ଥନୈତିକ ପ୍ରଗତିର ଏକ ଗୁରୁତ୍ୱପୂର୍ଣ୍ଣ ଅଂଶ ହେଉଛି କୃଷିର ଉତ୍ପାଦନଶୀଳତାରେ ସମ୍ଭବ ହୋଇପାରିଥିବା ତୀକ୍ଷ୍ଣ ବୃଦ୍ଧି। ଏହା ସମ୍ଭବ ହେବାର ଅନ୍ୟତମ କାରଣ ହେଉଛି ଫସଲକୁ ବିନଷ୍ଟକାରୀ କୀଟପତଙ୍ଗମାନଙ୍କ କବଳରୁ ରକ୍ଷା କରିବା ପାଇଁ ରାସାୟନିକ କୀଟନାଶକ ପଦାର୍ଥମାନଙ୍କର ବ୍ୟାପକ ବ୍ୟବହାର, ଯେଉଁଥିରେ ମୁଖ୍ୟ ଥିଲା 'ଡିଡିଟି'। କାର୍ସନ୍ ତାଙ୍କ ପୁସ୍ତକରେ ଦର୍ଶାଇଥିଲେ ଯେ ଏଭଳି ରାସାୟନିକ କୀଟନାଶକମାନଙ୍କର ଯଥେଚ୍ଛା ବ୍ୟବହାର କ୍ୟାନସର୍ ଭଳି ଭୟଙ୍କର ରୋଗ ସୃଷ୍ଟି କରି ଓ ଜେନେଟିକ୍ କ୍ଷତି ସାଧନ କରି ମନୁଷ୍ୟ ସ୍ୱାସ୍ଥ୍ୟ ପ୍ରତି ଘୋର ବିପଦ ପହଚାଂଇବା ସହିତ ବସନ୍ତ ଋତୁରେ ପରିବେଶକୁ ସଙ୍ଗୀତ ମୁଖରିତ କରୁଥିବା ଚଢ଼େଇ, ମହୁମାଛି, ଝିଟିଂକା ଆଦିଙ୍କର ଧ୍ୱଂସ ସାଧନ କରି ସେ ସମୟରେ ପ୍ରକୃତିକୁ ସଂପୂର୍ଣ୍ଣ ନିରବ କରିଦେବାକୁ ବସିଲାଣି। ଅର୍ଥନୈତିକ ବିକାଶର ଅନ୍ୟ ଯେଉଁ ଏକ ଅବିଚ୍ଛେଦ୍ୟ ଅଂଶ ମଧ୍ୟ କାର୍ସନ୍‌ଙ୍କୁ ବିଚଳିତ କରିଥିବା ଭଳି ବସନ୍ତ ଋତୁକୁ ନିରବ କରିଦେଇଥାଏ, ତାହା ହେଉଛି- ନିର୍ମାଣ। ଏହାର ଏକ ଉଦାହରଣ ସ୍ୱରୂପ ଭାରତର ଅର୍ଥନୈତିକ ବିକାଶର ଶିରାପ୍ରଶିରା ସ୍ୱରୂପ ନିର୍ମିତ ଓ ସଂପ୍ରସାରିତ ହୋଇଚାଲିଥିବା ଜାତୀୟ ରାଜପଥମାନଙ୍କୁ ଦେଖାଯାଉ। ଏଗୁଡ଼ିକର ନିର୍ମାଣ ଓ ସଂପ୍ରସାରଣ ଆବଶ୍ୟକ କରୁଥିବା ସ୍ଥାନ ଉପଲବ୍ଧ ହେବା ପାଇଁ ସ୍ୱାଭାବିକ ଭାବରେ ସେମାନଙ୍କର ଗତିପଥରୁ ସହସ୍ରସହସ୍ର ଗଛମାନଙ୍କୁ କାଟି ହଟାଇବାକୁ ପଡ଼ିଥାଏ। ଏଇ ଗଛଗୁଡ଼ିକ ପକ୍ଷୀମାନଙ୍କର ଆଶ୍ରୟସ୍ଥଳୀ ହୋଇଥିବା ବେଳେ ଏଗୁଡ଼ିକରେ ଫୁଟୁଥିବା ଫୁଲ ହୋଇଥାଏ ମହୁମାଛିମାନଙ୍କର ଖାଦ୍ୟ ଭଣ୍ଡାର- ମହୁ ସଂଗ୍ରହର ଉତ୍ସ। ଗଛଗୁଡ଼ିକ ଦୃଶ୍ୟପଟରୁ ଅନ୍ତର୍ହିତ ହୋଇଯିବା ସହିତ ଖାଦ୍ୟାଭାବର ସମ୍ମୁଖୀନ ହୋଇ ମହୁମାଛିମାନେ ମଧ୍ୟ କ୍ରମେ ଦୃଶ୍ୟପଟରୁ ଅପସରି ଯିବାକୁ ଆରମ୍ଭ କରନ୍ତି ଓ ସେମାନଙ୍କର ଗୁଞ୍ଜନ ମଧ୍ୟ କାନରେ ପଡ଼ିବା କ୍ରମେ ବିରଳ ହୋଇଯାଇ ବସନ୍ତକୁ ରାଚେଲ୍ କାର୍ସନ୍ ?ଙ୍କର ନିରବ ବସନ୍ତରେ ପରିଣତ କରିଦେଇଥାଏ। ତେବେ କାର୍ସନ୍ ?ଙ୍କ ପୁସ୍ତକର ପ୍ରଭାବରେ ତାହାର ପ୍ରକାଶର ଦଶ ବର୍ଷ ପରେ କୀଟନାଶକ ରୂପେ 'ଡିଡିଟି'ର ବ୍ୟବହାରକୁ ସଂପୂର୍ଣ୍ଣ ନିଷିଦ୍ଧ କରି ଦିଆଯାଇଥିଲା; ତାହାକୁ ଅନୁସରଣ କରି ଆମର ପରିବେଶରେ ମଧୁପର ଗୁଞ୍ଜନକୁ ଫେରାଇ ଆଣିବା ପାଇଁ ଦେଶରେ ଜାତୀୟ ରାଜପଥମାନଙ୍କର ନିର୍ମାଣ ବା ସଂପ୍ରସାରଣକୁ ତ ଆଉ ନିଷିଦ୍ଧ କରି ଦିଆଯାଇ ପାରିବ ନାହିଁ! ଦେଶର ନୀତିନିର୍ଦ୍ଧାରକମାନେ ଯେ ଏଥିପ୍ରତି ସଚେତନ ନୁହନ୍ତି, ତାହା ନୁହେଁ। ସମସ୍ୟାର ସାମାଧାନ ନିମିତ ତେଣୁ ନିୟମ ଅନୁସାରେ କଟାଯାଉଥିବା ପ୍ରତ୍ୟେକ ଗଛ ସ୍ଥାନରେ ଦୁଇଟି ବା ତା'ଠାରୁ ଅଧିକ ସଂଖ୍ୟକ ଚାରା ରୋପଣ କରିବା ପାଇଁ ନି ?ର୍ଦ୍ଦେଶ ରହିଛି। କିନ୍ତୁ ବାସ୍ତବରେ ଏଇ ନିର୍ଦ୍ଦେଶର ପାଳନ ଅପେକ୍ଷା ଉଲ୍ଲଂଘନ ହେଉଛି ଏକ ନିୟମିତ ପରିଦୃଷ୍ଟ ହେଉଥିବା କଠୋର ସତ୍ୟ। ପ୍ରାଚୀନ କାଳରୁ ଆମ ଦେଶରେ ସଡ଼କ କଡ଼ରେ ଗଛ ଲଗାଇବା ଏକ ଆଦର୍ଶ ପ୍ରଜାମଙ୍ଗଳ କାର୍ଯ୍ୟ ରୂପେ ବିବେଚିତ ହୋଇଆସିଛି। 'ହିତୋପଦେଶ'ର ଅନ୍ୟତମ ଉପଦେଶ ''ସେବିତବ୍ୟୋ ମହାବୃକ୍ଷଃ ଫଳଚ୍ଛାୟା ସମନ୍ୱିତଃ। ଯଦି ଦେ ?ବାତ୍ ଫଳଂ ନାସ୍ତି ଛାୟା କେନ ନିବାର୍ଯ୍ୟତେ।'' ଏହାର ସ୍ୱାକ୍ଷର ବହନ କରିଥାଏ। ଏବେ କିନ୍ତୁ ଦେଖାଯାଉଛି ଜାତୀୟ ରାଜପଥ ଧାର ଓ ମଧ୍ୟବର୍ତ୍ତୀ ଅ*ଳରେ ରୋପଣ କରାଯାଉଥିବା ଚାରାଗୁଡ଼ିକ କୌଣସି ମହାବୃକ୍ଷର ହୋଇଥିବା ପରିବର୍ତ୍ତେ ସାଧାରଣତଃ ଆଳଙ୍କାରିକ ମାତ୍ର ହୋଇଥାନ୍ତି। ଏଗୁଡ଼ିକ ନା ଛାୟା ପ୍ରଦାନ କରିବା କ୍ଷମତା ବହନ କରିଥାନ୍ତି, ନା ମହୁମାଛିମାନଙ୍କୁ ପୋଷଣ କରିବା ଭଳି ମହୁ ଧାରଣ କରିଥାନ୍ତି। ତେଣୁ ନିଶ୍ଚିତ ରୂପେ ଗତ ମଙ୍ଗଳବାର 'ଜାତୀୟ ରାଜପଥ ପ୍ରାଧିକରଣ' ('ନେସନାଲ୍ ହାଇ ?ୱେ ଅଥରିଟି ଅଫ୍ ଇଣ୍ଡିଆ') ଏ ସଂପର୍କରେ ଯେଉଁ ଏକ ଯୋଜନାର ଘୋଷଣା କରିଛି, ତାହା ଏଇ ଆଧୁନିକ ଉଦାସୀନତାରେ ଅନ୍ତ ଘଟାଇ ଆମର ସେଇ ବୃକ୍ଷ-ପ୍ରେମୀ ପାରମ୍ପରିକ ମୂଲ୍ୟବୋଧକୁ ଫେରିଯିବା ପାଇଁ ଏକ ସୁଚିନ୍ତିତ ଉଦ୍ୟମ ହୋଇଥିବା ସହିତ ମହୁମାଛିମାନଙ୍କ ପାଇଁ ଏକ ମଧୁର ସମ୍ବାଦ ବହନ କରୁଥିବା ଭଳି ମନେ ହୁଏ। ସଂକ୍ଷେପରେ କହିଲେ, 'ଏନ୍‌ଏଚ୍‌ଏଆଇ' ଦେଶର ଏଇ ବିସ୍ତୃତ ରାଜପଥର ଜାଲ ମଧ୍ୟରେ ଏଣିକି 'ମହୁମାଛି ପଥ' '(ବି କରିଡର)ମାନ ସୃଷ୍ଟି କରିବାକୁ ଯାଉଛି। ଏଇ ମଧୁମକ୍ଷୀ ପଥମାନଙ୍କରେ କ୍ରମେ ଆଳଙ୍କାରିକ ଗଛମାନଙ୍କ ସ୍ଥାନରେ ଲକ୍ଷଲକ୍ଷ ସଂଖ୍ୟାରେ ପରାଗସଂଗମକାରୀ-ପତଙ୍ଗ-ଅନୁକୂଳ ଗଛମାନ ରୋପଣ କରାଯିବାକୁ ଲକ୍ଷ୍ୟ ରଖାଯାଇଛି। ଯୋଜନା ଅନୁସାରେ ୨୦୨୬-୨୭ ବିତ ବର୍ଷରେ ଯେଉଁ ୪୦ ଲକ୍ଷ ବୃକ୍ଷ ରୋପଣ କରାଯିବାକୁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି, ସେଥିମଧ୍ୟରୁ ୬୦ ଶତାଂଶ ଏଇ 'ବି କରିଡରମାନଙ୍କରେ ରୋପଣ କରାଯିବ। ଏଥିରେ ଅନ୍ତର୍ଭୁକ୍ତ ଜାତିମାନଙ୍କ ମଧ୍ୟରେ ରହିବେ ନିମ, କରଞ୍ଜ, ମହୁଲ, ପଳାଶ, ଜାମୁ, ଶିରିଷ ଭଳି ଗଛ, ଯେଉଁମାନଙ୍କର ଫୁଲରେ ମହୁମାଛିମାନେ ସଂଗ୍ରହ କରିବା ପାଇଁ ପ୍ରଚୁର ପରିମାଣରେ ମହୁ ଭର୍ତ୍ତି ହୋଇ ରହିଥାଏ। ମିଶ୍ରିତ ରୋପଣ ନିମିତ ଏଇ ବୃକ୍ଷ ଜାତିମାନଙ୍କୁ ଏପରି ଚୟନ କରାଯିବ, ଯେପରି ସେମାନଙ୍କର ଫୁଲ ଫୁଟିବା ଋତୁ ଭିନ୍ନଭିନ୍ନ ହୋଇଥିବ, ଯାହା ଫଳରେ ବର୍ଷର କୌଣସି ସମୟରେ ମହୁମାଛିମାନଙ୍କ ପାଇଁ ଖାଦ୍ୟାଭାବ ଦେଖାଦେବ ନାହିଁ। ଅର୍ଥାତ୍ ମହୁମାଛିମାନେ ବର୍ଷ ସାରା ସଂପୃକ୍ତ ଅଚଂଳରେ ମହୁ ଖାଇବାକୁ ପାଇ ମନ ଆନନ୍ଦରେ ଗୁଣୁଗୁଣୁ ଗୀତ ଗାଇ ପରିବେଶକୁ ଗୁଞ୍ଜରିତ କରିବାକୁ ଲାଗିବେ। କେବଳ ବସନ୍ତ ନୁହେଁ, ପ୍ରତ୍ୟେକ ଋତୁରେ ସେମାନଙ୍କର ଗୁଞ୍ଜନ ସମସ୍ତଙ୍କୁ ପୁଲକିତ କରିବ। ଏଥିସହିତ ସଂପୃକ୍ତ ଅଚଂଳମାନଙ୍କରେ ମହୁଚାଷୀମାନଙ୍କର ମହୁ ଉତ୍ପାଦନରେ ଯେଉଁ ବୃଦ୍ଧି ଘଟିବ, ତାହା ସେମାନଙ୍କର ପାରିବାରିକ

## ଭୂତକୋଠି !

ଭାରତ ହେଉଛି ପୃଥିବୀରେ 'ଏଆଇ' ସେବାର ତୃତୀୟ ବୃହନ୍ତମ ବଜାର ଓ 'ଏଆଇ' କଂପାନିମାନେ ଆବଶ୍ୟକ କରୁଥିବା 'ଡେଟା'ର ଏକ ପ୍ରମୁଖ ଉତ୍ପାଦନକାରୀ। ଏସବୁ କିନ୍ତୁ ଭାରତକୁ ଏକ 'ଏଆଇ' ମହାଶକ୍ତିରେ ପରିଣତ କରିବେ ନାହିଁ?; ସେଥିପାଇଁ ଲୋଡ଼ା ଉଭୟ ହାର୍ଡୱେଆର୍ ଓ ସଫ୍‌ଟୱେଆରରେ ଆମର କ୍ଷମତା ସୃଷ୍ଟି ଓ ବୃଦ୍ଧି ନିମିନ୍ନ ଉଦ୍ୟମ। ହାର୍ଡୱେଆର୍ ଇଲାକାରେ ଚିପ୍ ଡିଜାଇନ୍, ଫାବ୍ରିକେସନ୍, ଆସେଂବ୍ଲି ଓ ଟେଷ୍ଟିଙ୍ଗ୍ ଆଦି ଗୁରୁତ୍ୱପୂର୍ଣ୍ଣ ହୋଇଥିବା ବେଳେ ସଫ୍‌ଟୱେଆର୍ ଇଲାକାରେ ଆମକୁ ନିଜର 'ଏଆଇ' ମଡେଲ୍ ସୃଷ୍ଟି କରିବାକୁ ହେବ। ତାହା ହେଲେ ଯାଇ ଭାରତ 'ଏଆଇ'ରେ ନିଜର ସାର୍ବଭୌମତ୍ୱ ହାସଲ କରିପାରିବ; ତାକୁ ବିଦେଶୀ ଯୋଗାଣକାରୀମାନଙ୍କ ଉପରେ ନିର୍ଭର କରିବାକୁ ପଡ଼ିବ ନାହିଁ। ଭାରତ ଦିଲ୍ଲୀରେ ଚତୁର୍ଥ ଆନ୍ତର୍ଜାତିକ 'ଏଆଇ ଇମ୍ପାକ୍ଟ ସମିଟ୍' ଆୟୋଜିତ କରିବା ଯଦି ନିଜକୁ ପୃଥିବୀର ଏକ ଅଗ୍ରଣୀ 'ଏଆଇ' ଶକ୍ତି ରୂପେ ପ୍ରଦର୍ଶିତ କରିବା ଦିଗରେ ଏକ ସାଙ୍କେତିକ ପଦକ୍ଷେପ ହୋଇଥାଏ, ଭାରତରେ ବର୍ତ୍ତମାନ ଘଟି ଚାଲିଥିବା 'ଡେଟା ସେଂଟରମାନଙ୍କର ଦ୍ରୁତ ଆବିର୍ଭାବକୁ ଏହାର ଏକ ବାସ୍ତବ ପ୍ରମାଣ ରୂପେ ପ୍ରଦର୍ଶିତ କରାଯିବା ଦେଖାଯାଉଛି। ଉଦାହରଣ ସ୍ୱରୂପ ଗତ ବର୍ଷ ଭାରତରେ ସ୍ଥାପିତ 'ଡେଟା ସେଂଟରମାନଙ୍କର ମୋଟ କ୍ଷମତା ୧.୩ ଗିଗାୱାଟ୍ (ଜିଡବ୍ଲ୍ୟୁ)ରେ ପହଚିଂଥିଲା। ତୁଳନାତ୍ମକ ଦୃଷ୍ଟିରୁ ଏହା ଆମେରିକାର ୩୮.୭ ଜିଡବ୍ଲ୍ୟୁ କିମ୍ବା ଚୀନ୍‌ର ୯.୫ ଜିଡବ୍ଲ୍ୟୁ କ୍ଷମତା ସମ୍ମୁଖରେ ନଗଣ୍ୟ ମନେ ହୋଇପାରେ, କିନ୍ତୁ ୨୦୨୦ରେ ଭାରତରେ ଉପଲବ୍ଧ କ୍ଷମତାର ଏହା ହେଉଛି ପ୍ରାୟ ତିନି ଗୁଣ। ଯୋଜନା ଅନୁସାରେ ଏହି ଉଲ୍ଲେଖନୀୟ ବୃଦ୍ଧି ଧାରା ଯଦି ଅବ୍ୟାହତ ରହେ, ତାହା ଅଦୂର ଭବିଷ୍ୟତରେ ସେମାନଙ୍କର ସମକକ୍ଷ ହେବାର ଏକ ବାସ୍ତବ ସମ୍ଭାବନା ଦେଖାଯାଉଛି। ଏଇ ସମ୍ଭାବନାକୁ ସାକାର କରିବାରେ ସହାୟକ ହେବା ସ୍ୱରୂପ ଏଥିପାଇଁ ସେମାନେ ୨୦୩୫ ସୁଦ୍ଧ ୧୦୦ ବିଲିଅନ୍ ଡଲାର୍ ପୁଞ୍ଜି ନିବେଶ କରିବାକୁ ଯାଉଛନ୍ତି ବୋଲି ଆଦାନି ଗ୍ରୁପ୍ ଉପରୋକ୍ତ ସମ୍ମିଳନୀରେ ଘୋଷଣା କରିଛି। ସେହିପରି ଭାରତରେ 'ଡେଟା ସେଂଟରମାନ ପ୍ରତିଷ୍ଠା କରିବାରେ ମୁଖ୍ୟ ଭୂମିକା ନିର୍ବାହ କରିଥିବା ଜାପାନ୍‌ର 'ଏନ୍‌ଟିଟି ଡେଟା' ନାମକ ବିଶାଳକାୟ ଆଇଟି କଂପାନି ଏଠାରେ ଆହୁରି ଅଧିକ 'ଡେଟା ସେଂଟରମାନ ସ୍ଥାପନ କରିବାରେ ବିପୁଳ ପୁଞ୍ଜି ନିବେଶ ଯୋଜନା ମଧ୍ୟ ଘୋଷଣା କରିଛି। ଆମେରିକାର ନିବେଶକମାନେ ମଧ୍ୟ ଏଥିପାଇଁ ଅନୁରୂପ ଘୋଷଣା କରିବା ଦେଖାଯାଇଛି। ଭାରତ ତେଣୁ ଅନତିବିଳମ୍ବେ ପୃଥିବୀରେ 'ଡେଟା ସେଂଟମାନଙ୍କର ଏକ ଗୁରୁତ୍ୱପୂର୍ଣ୍ଣ କେନ୍ଦ୍ରରେ ପରିଣତ ହେବାକୁ ଯାଉଛି। ତିନିଟି ମୁଖ୍ୟ କାରଣ ଯୋଗୁଁ ଏହା ଘଟୁଛି। ପ୍ରଥମ, ଡେଟାର ସ୍ଥାନୀୟକରଣକୁ ସରକାର ପ୍ରଦାନ କରୁଥିବା ଅଗ୍ରାଧିକାର। ଭାରତର ବିଶାଳ ଜନସଂଖ୍ୟା ପୃଥିବୀର ମୋଟ ଡିଜିଟାଲ୍ ଡେଟାର ଏକ ବୃହତ୍ ଅଂଶ ଉତ୍ପାଦନ କରିଥାଏ। ବିଶେଷଜ୍ଞ ଆକଳନ ଅନୁସାରେ ୨୦୨୪ରେ ଅହରହ ସାମାଜିକ ଗଣମାଧ୍ୟମରେ ନିମଜ୍ଜିତ ଥିବା ଭାରତୀୟମାନେ ପୃଥିବୀର ପ୍ରାୟ ଏକ-ପଚଂମାଂଶ ଡିଜିଟାଲ୍ ଡେଟା ଉତ୍ପାଦନ କରିଥିଲେ; କିନ୍ତୁ ଭାରତରେ ଉପଲବ୍ଧ 'ଡେଟା ସେଂଟର କ୍ଷମତା ଥିଲା ପୃଥିବୀରେ ଉପଲବ୍ଧ କ୍ଷମତାର ମାତ୍ର ତିନି ଶତାଂଶ। 'ରିଜର୍ଭ ବ୍ୟାଙ୍କ୍ ଅଫ୍ ଇଣ୍ଡିଆ' ୨୦୧୮ ଠାରୁ ବିତୀୟ ଅନୁଷ୍ଠାନମାନେ ସେମାନଙ୍କର ଗ୍ରାହକମାନଙ୍କର ଡେଟାକୁ ଦେଶ ଭିତରେ ହିଁ ସାଇତିବା ବାଧ୍ୟତାମୂଳକ କରିଛି। ଆସନ୍ତା ବର୍ଷଠାରୁ ବଳବତର ହେବାକୁ ଯାଉଥିବା ଏକ ଆଇନ ଅନୁସାରେ ସୋସିଆଲ୍ ମିଡିଆ ମେସେଜ୍‌ମାନଙ୍କରୁ ଉତ୍ପନ୍ନ ଅନେକ ଡେଟା ସମେତ କେତେକ ବ୍ୟକ୍ତିଗତ ଡେଟା ପ୍ରତି ମଧ୍ୟ ଏଇ ନିୟମ ଲାଗୁ ହୋଇପାରେ। ଦ୍ୱିତୀୟ, ସରକାରୀ ପ୍ରୋତ୍ସାହନର ମଧ୍ୟ 'ଡେଟା ସେଂଟର ପ୍ରସାରକୁ ତ୍ୱରାନ୍ୱିତ କରିବାରେ ଏକ ଗୁରୁତ୍ୱପୂର୍ଣ୍ଣ ଅବଦାନ ରହିଛି। ଉଦାହରଣ ସ୍ୱରୂପ ଏଥର ବଜେଟ୍‌ରେ ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ କରିଥିବା ଘୋଷଣା ଅନୁସାରେ ଭାରତରେ ଥିବା 'ଡେଟା ସେଂଟରମାନଙ୍କର ବିଦେଶୀ ମାଲିକମାନଙ୍କୁ ୨୦୪୭ (ସ୍ୱାଧୀନତାର ଶତବାର୍ଷିକୀ ତଥା 'ବିକଶିତ ଭାରତ' ଲକ୍ଷ୍ୟ ସାଧନ ନିମିତ ସ୍ଥାପିତ ନିଶାଣ) ପର୍ଯ୍ୟନ୍ତ ଟିକସ ଛାଡ଼ କରାଯିବ। ରାଜ୍ୟ ସରକାରମାନେ ମଧ୍ୟ ନିଜ ନିଜର ରାଜ୍ୟକୁ 'ଡେଟା ସେଂଟରମାନଙ୍କୁ ଆକର୍ଷିତ କରିବା ଉଦ୍ଦେଶ୍ୟରେ ସେମାନଙ୍କୁ ରିହାତି ଦରରେ ବିଦ୍ୟୁତ୍ ଶକ୍ତି ଯୋଗାଇବାରୁ ଆରମ୍ଭ କରି ଅମଲାତାନ୍ତ୍ରିକ କଟକଣା ହୁଗୁଳା କରିବା ପର୍ଯ୍ୟନ୍ତ ବିଭିନ୍ନ ପ୍ରକାର ପ୍ରୋତ୍ସାହନ ପ୍ରଦାନ କରିବାରେ ଲାଗିଛନ୍ତି। ତୃତୀୟ, ଭାରତରେ 'ଡେଟା ସେଂଟର ନିର୍ମାଣ ପାଇଁ ବହନ କରିବାକୁ ପଡୁଥିବା ବ୍ୟୟ ଅନ୍ୟ ଦେଶମାନଙ୍କ ତୁଳନାରେ ଆପେକ୍ଷାକୃତ ନୀଚା ହୋଇଥିବାରୁ, ତାହା ବଡ଼ବଡ଼ ବିଦେଶୀ କଂପାନିମାନଙ୍କୁ ଏଠାରେ ଡେଟା ସେଂଟର୍ ପ୍ରତିଷ୍ଠା କରିବାକୁ ଆକର୍ଷିତ କରୁଛି। ଉଦାହରଣ ସ୍ୱରୂପ 'ଆଲ୍‌ଫାବେଟ୍' ଏଥିପାଇଁ ଭାରତରେ ୧୫ ବିଲିଅନ୍ ଡଲାର୍ ନିବେଶ କରିବାକୁ ଯାଉଥିବା ବେଳେ, 'ମାଇକ୍ରୋସଫ୍‌ଟ' ୨୦ ବିଲିଅନ୍ ଡଲାର୍ ନିବେଶ କରିବାକୁ ଘୋଷଣା କରିଛି। ଏସବୁ ଉଦ୍ୟମର ଫଳସ୍ୱରୂପ ୨୦୩୦ ସୁଦ୍ଧା ଭାରତର 'ଡେଟା ସେଂଟର୍ର କ୍ଷମତା ୧୦ ଜିଡବ୍ଲ୍ୟୁ ଛୁଇଁବ ବୋଲି ଅନୁମାନ ପ୍ରକାଶ ପାଇଛି। କିନ୍ତୁ ଭାରତରେ 'ଡେଟା ସେଂଟର ମାନଙ୍କର ଆବିର୍ଭାବରେ ଏଭଳି ବିସ୍ଫୋରକ ବୃଦ୍ଧି କେତେଦୂର ସ୍ୱାଗତଯୋଗ୍ୟ ଓ ତାହା ଭାରତ ଏକ ପ୍ରମୁଖ 'ଏଆଇ' ଶକ୍ତିରେ ପରିଣତ ହେବାରେ କେତେ ଦୂର ସହାୟକ ହେବ, ତାହା ଘୋର ସନ୍ଦେହଜନକ। ଏହା ଅବଶ୍ୟ ସତ ଯେ ଏଇ 'ଡେଟା ସେଂଟରମାନଙ୍କର ନିର୍ମାଣ ସମୟରେ ବିଭିନ୍ନ କିସମର ନିଯୁକ୍ତି ସୃଷ୍ଟିରେ ଅସ୍ଥାୟୀ ବୃଦ୍ଧି ଘଟିବା ଦେଖାଯିବ। କିନ୍ତୁ ସେଗୁଡ଼ିକର ନିର୍ମାଣ ସମାପ୍ତ ହୋଇଯିବା ପରେ ସେଗୁଡ଼ିକ କାର୍ଯ୍ୟ କରିବା ପାଇଁ ଅତ୍ୟନ୍ତ ସ୍ୱଳ୍ପ ଲୋକଶକ୍ତି ଆବଶ୍ୟକ ହେବ। ଆଶଙ୍କା କରାଯାଉଛି ସେତେବେଳେ ଏଇ ଜନମାନବଶୂନ୍ୟ 'ଡେଟା ସେଂଟରମାନ ଭୂତକୋଠି ପରି ଦଣ୍ଡାୟମାନ ହୋଇ ରହିବେ। ଏହା ମଧ୍ୟ ଜଣାଶୁଣା ଯେ 'ଡେଟା ସେଂଟରମାନ କାର୍ଯ୍ୟ କରିବା ପାଇଁ ପ୍ରଚୁର ବିଦ୍ୟୁତ୍ ଶକ୍ତି ଆବଶ୍ୟକ କରିଥାନ୍ତି, ଯାହା ବିଦ୍ୟୁତ୍ ଶକ୍ତି ଯୋଗାଣ ଉପରେ ଅସହ୍ୟ ଚାପ ସୃଷ୍ଟି କରିବା ସଙ୍ଗେସଙ୍ଗେ ପରିବେଶକୁ କ୍ଷତିଗ୍ରସ୍ତ କରିବ। ତେବେ ଏ ସମସ୍ତ ଅସୁବିଧା ଆମ ପାଇଁ ଗ୍ରହଣୀୟ ହୁଅନ୍ତା, ଯଦି 'ଡେଟାସେଂଟରମାନଙ୍କର ଉପସ୍ଥିତି ଆମକୁ ଏକ ନେତୃସ୍ଥାନୀୟ 'ଏଆଇ' ଶକ୍ତିରେ ପରିଣତ କରନ୍ତା। ଭାରତ ହେଉଛି ପୃଥିବୀରେ 'ଏଆଇ' ସେବାର ତୃତୀୟ ବୃହତମ ବଜାର ଓ 'ଏଆଇ' କଂପାନିମାନେ ଆବଶ୍ୟକ କରୁଥିବା 'ଡେଟା'ର ଏକ ପ୍ରମୁଖ ଉତ୍ପାଦନକାରୀ। ଏସବୁ କିନ୍ତୁ ଭାରତକୁ ଏକ 'ଏଆଇ' ମହାଶକ୍ତିରେ ପରିଣତ କରିବେ ନାହିଁ; ସେଥିପାଇଁ ଲୋଡ଼ା ଉଭୟ ହାର୍ଡୱେଆର୍ ଓ ସଫ୍‌ଟୱେଆରରେ ଆମର କ୍ଷମତା ସୃଷ୍ଟି ଓ ବୃଦ୍ଧି ନିମିନ୍ନ ଉଦ୍ୟମ। ହାର୍ଡୱେଆର୍ ଇଲାକାରେ ଚିପ୍ ଡିଜାଇନ୍, ଫାବ୍ରିକେସନ୍, ଆସେଂବ୍ଲି ଓ ଟେଷ୍ଟିଙ୍ଗ୍ ଆଦି ଗୁରୁତ୍ୱପୂର୍ଣ୍ଣ ହୋଇଥିବା ବେଳେ ସଫ୍‌ଟୱେଆର୍ ଇଲାକାରେ ଆମକୁ ନିଜର 'ଏଆଇ' ମଡେଲ୍ ସୃଷ୍ଟି କରିବାକୁ ହେବ। ତାହା ହେଲେ ଯାଇ ଭାରତ 'ଏଆଇ'ରେ ନିଜର ସାର୍ବଭୌମତ୍ୱ ହାସଲ କରିପାରିବ; ତାକୁ ବିଦେଶୀ ଯୋଗାଣକାରୀମାନଙ୍କ ଉପରେ ନିର୍ଭର କରିବାକୁ ପଡ଼ିବ ନାହିଁ। ଭାରତ ହେଉଛି ପୃଥିବୀର ଅଳ୍ପ କେତୋଟି ଦେଶମାନଙ୍କ ମଧ୍ୟରୁ ଗୋଟିଏ, ଯେଉଁଠି ସର୍ଜନାତ୍ମକ 'ଏଆଇ' ବିକାଶ କରିବା ପାଇଁ ଆବଶ୍ୟକ ଉପଯୁକ୍ତ ମେଧା ଶକ୍ତି ଉପଲବ୍ଧ ଅଛି। ଏଇ ମେଧାବୀ ଯୁବକଯୁବତୀମାନଙ୍କୁ ଉପଯୁକ୍ତ ତାଲିମ ଦେବାରେ ସମ୍ବଳ ବିନିଯୋଗ କରାଗଲେ, ସେମାନେ ଯେ 'ଏଆଇ'ର ଉଭୟ ହାର୍ଡୱେଆର୍ ଓ ସଫ୍‌ଟୱେଆର୍ କ୍ଷେତ୍ରରେ ଚମତ୍କାରିତା ସୃଷ୍ଟି କରିପାରିବେ, ଚୀନ୍ ତାହା ପ୍ରମାଣିତ କରିଛି। ଭାରତ ବର୍ତ୍ତମାନ 'ଭୂତକୋଠି'ର ଅତ୍ୟଧିକ ଆକର୍ଷଣରୁ ମୁକୁଳି ଏଥିପ୍ରତି ଅଧିକ ଧ୍ୟାନ ଦେବା ବୁଦ୍ଧିମାନର କାର୍ଯ୍ୟ (କୃତ୍ରିମ ବୁଦ୍ଧିର ନୁହେଁ) ହେବ ବୋଲି ମନେହୁଏ।

## ଏଥର 'ତୁମେ ମୃତ କି ?'

ଏହିପରି ଏକ ଉଦ୍ଭଟ ପ୍ରଶ୍ନ ପଚରା ଯାଇପାରେ କି ? କାରଣ, କୌଣସି ମୃତ ବ୍ୟକ୍ତି ଉତର ଦେବ ନାହିଁ ଯେ ସେ ମୃତ ! କିନ୍ତୁ ସମ୍ବାଦପତ୍ରମାନଙ୍କରୁ ଏହି ଶିରୋନାମାରେ ଗୋଟିଏ 'ଆପ୍' ଥିବା ବିଷୟରେ ପଢ଼ି ମୁଁ ତାହାକୁ ମୋ ଫୋନ୍‌ରେ ଡାଉନ୍‌ଲୋଡ୍ କଲି। ଚୀନ୍‌ର ଏହି 'ଆପ୍' ସେହି ଦେଶରେ ବହୁ ସଂଖ୍ୟାରେ ଏକାକୀ ରହୁଥିବା ଲୋକମାନଙ୍କ ପାଇଁ ଉଦ୍ଦିଷ୍ଟ ଥିଲା। ପ୍ରତି ଦୁଇ ଦିନରେ ଏହି 'ଆପ୍'ରେ ଥିବା ଗୋଟିଏ ବଡ଼ ସୁଇଚ୍‌କୁ ଚିପିବାକୁ ହୋଇଥାଏ ଏବଂ ତାହା ଯଦି ନ ହୁଏ, ତେବେ ପୂର୍ବରୁ ସ୍ଥିରୀକୃତ ହୋଇଥିବା ଜରୁରିକାଳୀନ ଫୋନ୍‌କୁ ଏହି 'ଆପ୍' ସାଙ୍ଗେସାଙ୍ଗେ ସୂଚନା ଦେଇଦିଏ। ଯଦିଓ ସାଂପ୍ରତିକ ସମାଜରେ ଏହି 'ଆପ୍'ର ଏକ ବିଶେଷ ପ୍ରୟୋଜନୀୟତା ରହିଛି, ତଥାପି ମନରେ ଏହା ଏକ ଉଦ୍‌ବେଗ ସଚାଂର କରିଥାଏ ଯେ ଆସ୍ତେଆସ୍ତେ ଆମେ କେତେ ଏକୁଟିଆ ହୋଇଯାଉଛୁ ! ବୃଦ୍ଧ, ବୟସ୍କ, ତରୁଣ ସମସ୍ତେ, ଅଳ୍ପ ହେଉ ବା ବହୁତ ହେଉ, ବେଳେବେଳେ ହେଉ ବା ସବୁବେଳେ ହେଉ, ନିଜର ଏକୁଟିଆ ହୋଇଯିବାକୁ ଅନୁଭବ କରୁଛନ୍ତି। ବୃହନ୍ନର ସମାଜର ଗହଳିଚହଳି, ହୋହଲ୍ଲା, କଳରୋଳ ଭିତରେ କେଉଁଠିକେଉଁଠି ଗୋଟିଏଗୋଟିଏ ସ୍ୱର ଧୀରେଧୀରେ ସ୍ତିମିତ ହୋଇଯାଉଛି। ବୃଦ୍ଧାବସ୍ଥାରେ ଅନେକ ଏକୁଟିଆ ଅନୁଭବ କରିଥାନ୍ତି। ସ୍ୱାଭାବିକ ଭାବରେ ଏକ ଦାର୍ଶନିକ ସ୍ତରରେ ଏହା ହୋଇଥାଏ। ପ୍ରିୟ, ଆତ୍ମୀୟଜନଙ୍କର ମୃତ୍ୟୁ ଦେଖି ସାରିଲା ପରେ ଏବଂ ନିଜ ମୃତ୍ୟୁର ଆସନ୍ନତାକୁ ଅନୁଭବ କରିସାରିଲା ପରେ ସ୍ୱାଭାବିକ ଭାବେ ଏକ ଭୟମିଶ୍ରିତ ଉତ୍କଣ୍ଠା ମନରେ ଆସିଥାଏ। ଏହି ଭୟ ବା ଉତ୍କଣ୍ଠା ଯେତେ ନିଜର ମୃତ୍ୟୁକୁ କଳ୍ପନା କରି ନୁହେଁ; ତା' ଠାରୁ ଅଧିକ, ସୃଷ୍ଟିରେ ନିଜ ସ୍ଥିତିର ଚରମ ଏକୁଟିଆପଣକୁ ଅନୁଭବ କରି। କିନ୍ତୁ, ଏହି କଥାଟି ଦୁଃଖକର ହୋଇଥାଏ, ଯେତେବେଳେ ବୃଦ୍ଧାବସ୍ଥାରେ ମଣିଷ ଶାରୀରିକ ସ୍ତରେ ?ର ଏକୁଟିଆ ହୋଇଯାଏ। ଅର୍ଥାତ୍, ତା' ପାଖରେ କେହି ନିଜର ମଣିଷ ନଥାନ୍ତି, ଯାହାକୁ କଥା କହିହେବ, ଛୁଇଁ ହେବ, ଯାହାକୁ ଅନୁଭବ କରି ହେଉଥିବ। ଏପରି କରୁଣ କାହାଣୀର ଫର୍ଦ୍ଦମାନ ପ୍ରତିଦିନ ଆମ ସମାଜର ଇତିହାସରେ ଯୋଡ଼ା ହୋଇଚାଲିଛି। ଜଣେ ବନ୍ଧୁଙ୍କ ଠାରୁ ଶୁଣିଥିଲି ଯେ ସେ ଥରେ, ଅନ୍ୟ ଏକ ସହରରେ ରହୁଥିବା ତାଙ୍କର ଜଣେ ବୃଦ୍ଧ ଆତ୍ମୀୟଙ୍କୁ ଦେଖା କରିବାକୁ ଯାଇଥିଲେ। ପହଚିଂ ଦେଖିଲେ ଯେ ତିନି ମହଲା କୋଠା ଘରର ଗୋଟିଏ କୋଠରିରେ ତାଙ୍କୁ ବନ୍ଦ କରି ରଖାଯାଇଛି। ଏକମାତ୍ର ସନ୍ତାନ ଗୋଟିଏ ଲୋକକୁ ତାଙ୍କ ଦାୟିତ୍ୱରେ ରଖିଦେଇ ଅନ୍ୟତ୍ର ରହୁଛି। ଲୋକଟି ଯେତେବେଳେ ବଜାର କି ଆଉ କୁଆଡ଼େ ଯାଉଛି, ବୃଦ୍ଧଙ୍କୁ ଘରେ ତାଲା ପକେଇ ଯାଉଛି। କିଛି ସମୟ ଅପେକ୍ଷା କଲା ପରେ ଲୋକଟି ଆସି କବାଟ ଖୋଲିଲା ଏବଂ ବନ୍ଧୁ ଜଣକ ଦେଖିଲେ, ଅସୁସ୍ଥ ବୃଦ୍ଧ ଖଟଟି ଉପରେ ଶୋଇ ଛାତକୁ ଅନେଇ ରହିଛନ୍ତି। ସେହିପରି ଅବସ୍ଥାରେ ବୃଦ୍ଧ ଆତ୍ମୀୟଙ୍କୁ ଦେଖି ତାଙ୍କ କଳ୍ପନାରେ ଗୋଟିଏ ଦୃଶ୍ୟ ଉଙ୍କି ଉଠେ। ଜାପାନ ଦେଶର ଗୋଟିଏ ପୁରୁଣା ଲୋକକଥା। ନାରାୟାମା ପାହାଡ଼ର ତଳେ ଥିବା ଗାଁଟିରେ କାହିଁ କେଉଁ କାଳରୁ ଗୋଟିଏ ପ୍ରଥା ଚଳି ଆସିଛି। ଗାଁରେ କାହାକୁ ସତୁରି ବର୍ଷ ହୋଇଗଲେ, ତା'ର ସନ୍ତାନ ତାକୁ ନେଇ ନାରାୟାମା ପାହାଡ଼ର ସବା ଉପରକୁ ଯାଏ; ସେଇଠି ତାକୁ ଛାଡ଼ି ଦେଇ ଆସେ। ବୃଦ୍ଧଟି ସେଇଠି ରହେ ତା'ର ମୃତ୍ୟୁ ପର୍ଯ୍ୟନ୍ତ କ୍ଷୁଧା, ତୃଷା, ହିଂସ୍ର ଜନ୍ତୁ ଏବଂ ତା'ର ଭୟଙ୍କର ଏକୁଟିଆ ହୋଇଯିବାକୁ ସାଥୀ କରି। ଲାଗେ, ଏବେ କେତେକ ବାପା, ମା'ଙ୍କ ଜୀବନ ଠିକ୍ ନାରାୟାମା ପାହାଡ଼ର ଉପରେ ଜୀବନ କାଟୁଥିବା ବୃଦ୍ଧ, ବୃଦ୍ଧାଙ୍କ ପରି। କିନ୍ତୁ ବୃଦ୍ଧମାନଙ୍କ ଦାୟିତ୍ୱକୁ ତାଙ୍କ ତଳ ପିଢ଼ି ବୁଝିବା ବ୍ୟତୀତ ତ ଆଉ କୌଣସି ଉପାୟ ନାହିଁ! ଯଦି କୌଣସି ଦୁଃଖଦ କାରଣରୁ ''ବୃଦ୍ଧ କାଳେ ତୁ ମୋହର ଏକଇ ନନ୍ଦନ, ହୃଦତାପ ବିନାଶନେ ତୁ ହରିଚନ୍ଦନ'' ସମ୍ଭବ ହୋଇପାରୁ ନାହିଁ, ତେବେ ତ ମଣିଷର ଅବସ୍ଥା ଦୁର୍ବିଷହ ହୋଇଯିବ ! ଆଶାର କଥା ଯେ ସମାଜରେ ଯଦି କେତେ ଜଣଙ୍କ ପାଖରେ ନିଷ୍ଠୁର ସମ୍ବେଦନଶୂନ୍ୟତା ରହିଛି, ଅନ୍ୟ ଅନେକଙ୍କ ପାଖରେ ଅଫୁରନ୍ତ ସମ୍ବେଦନଶୀଳତା ଅଛି। ଏହା ହିଁ ଆମ ସମାଜର ପୁଞ୍ଜି। ସେଥିପାଇଁ ଏହାକୁ ଉପଜୀବ୍ୟ କରି ବ୍ୟକ୍ତିଗତ ଓ ଆନୁଷ୍ଠାନିକ ସ୍ତରରେ ମଧ୍ୟ ଅନେକ ଉଦ୍ୟମ ହେଉଛି। ଏହି ଉଦ୍ୟମକୁ ଆହୁରି ଗଭୀର ଓ ବ୍ୟାପକ କରିବାକୁ ପଡ଼ିବ ଯେପରି ସମାଜରେ କେହି ବୃଦ୍ଧ-ବୃଦ୍ଧା ପରିତ୍ୟକ୍ତ, ଅବାଞ୍ଛିତ ଅନୁଭବ କରିବେ ନାହିଁ; କେବେ ନିଜକୁ ନିଃସଙ୍ଗ ମନେ କରିବେ ନାହିଁ। କିନ୍ତୁ ଆଜିକାଲି ତରୁଣମାନେ ବା ତିରିଶ, ଚାଳିଶ ବର୍ଷର ମଣିଷମାନେ କାହିଁକି ଏକୁଟିଆ ହୋଇଯାଉଛନ୍ତି, ଏପରିକି ନିଜର ନିଃସଙ୍ଗତାକୁ ବି ଭଲ ପାଇ ବସୁଛନ୍ତି ? କେତେଗୁଡ଼ିଏ କଥା ଏକା ସାଥୀରେ ଘଟିଗଲା। ବସ୍ତୁବାଦୀ, ବଜାର ସଭ୍ୟତାରେ ଆମେ ଯାବତୀୟ ଜିନିଷମାନ କିଣିଲୁ; ସେଗୁଡ଼ିକୁ ଭଲ ପାଇ ବସିଲୁ ଏବଂ ତା' ମୋହରେ ଏପରି ପଡ଼ିଗଲୁ ଯେ ମଣିଷମାନଙ୍କୁ, ଏପରିକି ନିଜର ସାଙ୍ଗସାଥୀ, ଆତ୍ମୀୟମାନଙ୍କୁ ଆଉ ଲୋଡ଼ିଲୁ ନାହିଁ। ଆମର ଘର, ଘର ଭିତରର ସାଜସଜା, କାର, ସୋଫା ଇତ୍ୟାଦି ଘର ଭିତରର ପ୍ରତ୍ୟେକଟି ଜିନିଷ ଆମକୁ ନିମଜ୍ଜିତ କରି ରଖିଲା। ପିଲାମାନଙ୍କୁ ଭିଡିଓ ଗେମ୍, କାର୍ଟୁନ୍ ଏବଂ ବଡ଼ମାନଙ୍କୁ ମୋବାଇଲ ଫୋନ୍, ଟିଭି ପରି ଜିନିଷମାନ ନିଜକୁ ଅନ୍ୟ ମଣିଷ ଠାରୁ ନିର୍ବାସିତ କରି ରଖିଲା ଏବଂ ଆମେ କ୍ରମେକ୍ରମେ ଆମର ଏହି ନିର୍ବାସିତ ଏକାନ୍ତ ଅବସ୍ଥାକୁ ଭଲପାଇ ବସିଲୁ। ଘର ଭିତରେ ମୋର 'ରୁମ୍' ଏବଂ ତା'ର ନିବୁଜ ପରିବେଶ, ମୋର ମୋବାଇଲ ଫୋନ୍, ଲ୍ୟାପ୍‌ଟପ୍ ଏବଂ ସେଗୁଡ଼ିକ ସାଥୀରେ ମୋର କାରବାରକୁ ମୁଁ ମୋର ଇପ୍‌ସିତ 'ସ୍ପେସ୍', 'ଟାଇମ୍' ବୋଲି କହି ଆତ୍ମସନ୍ତୋଷ ଲାଭ କଲି। ଏଣେ ସମାଜରେ ବ୍ୟକ୍ତି-ସ୍ୱାଧୀନତାକୁ ଆଦର୍ଶ ମାନୁମାନୁ ତାହା କେତେବେଳେ ସଂକୀର୍ଣ୍ଣ ବ୍ୟକ୍ତି-କୈନ୍ଦ୍ରିକତାରେ ପରିଣତ ହୋଇଗଲା। ଦିନେ ଆମ ସମାଜର ଆଧାର ଥିଲା ଗୋଷ୍ଠୀଗତ ଜୀବନ। ବ୍ୟକ୍ତିଗତ ଜୀବନ ଅପେକ୍ଷା ଏହାର ଅଧିକ ପ୍ରାଧାନ୍ୟ ଥିଲା। ଏକାଠି ହୋଇ ରହିବା, ତାହା ପରିବାରରେ ହେଉ କି ସାହି ବା ଗାଁରେ ହେଉ, ସୁନ୍ଦର ଲାଗୁଥିଲା। ଏବେ ଅନେକଙ୍କୁ, ବିଶେଷ କରି ଆମର ପିଲାମାନଙ୍କୁ, ଏକୁଟିଆ ରହିବାଟା ସୁନ୍ଦର ଲାଗୁଛି। ଏକୁଟିଆ ରହିବା, ଯାହାକୁ 'ବ୍ୟକ୍ତିଗତତା' ବୋଲି କୁହାଯାଇପାରେ, ତାହା ଆସ୍ତେଆସ୍ତେ ଏକ ପ୍ରକାର ନିଶା ହୋଇଗଲାଣି। ଅନ୍ୟ ମଣିଷର ଉପସ୍ଥିତିକୁ ଆମେ ବେଶୀ ସମୟ ପାଇଁ ସହ୍ୟ କରିପାରୁନୁ, ଯେପରି ଆମର ବ୍ୟକ୍ତିଗତତା ଭିତରେ ଆଉ କାହାର ଏହା ଅନଧିକାର ପ୍ରବେଶ ! ଆମେ ଆମର ବ୍ୟକ୍ତିଗତତାର ଦୁର୍ଗ ଭିତରେ ରହି ଅନ୍ୟମାନଙ୍କ ସହ ମାପଚୁପ କରି ସଂପର୍କ ରଖିବୁ। ମାତ୍ର, ଏଥିରେ ଏହା ହୁଏ ଯେ ଆମେ ଅନ୍ୟମାନଙ୍କୁ କେବଳ ସେମାନଙ୍କ ପରିଧିରେ ଛୁଇଁଥାଉ; ସେମାନଙ୍କର କେନ୍ଦ୍ରବିନ୍ଦୁରେ, ଅନ୍ତରରେ ନୁହେଁ। ନିଜର ଖୋଳ ଭିତରେ, ନିଜ ଜିନିଷଗୁଡ଼ିକୁ ଜାବୁଡ଼ି ଧରି, ନିଜ ପାଇଁ ଚିନ୍ତା ଓ ଭାବନା ଭିତରେ ନିମଜ୍ଜିତ ରହି ଏକୁଟିଆ ଜୀବନ କାଟିବା- ଏହା ତ ନିଜର କବର ଖୋଳି ତା' ଭିତରେ ରହିବା ପରି କଥା ! କିନ୍ତୁ ସମସ୍ତ ନିଶା-ଅଭ୍ୟାସର ପରିଣତି ଏକ ଭୟଙ୍କର ରୋଗ ହେଲା ପରି ଏହି ଏକୁଟିଆତ୍ୱ ବା ବ୍ୟକ୍ତିଗତତା ନିଶାର ପରିଣାମ ମଧ୍ୟ କରୁଣ, ଭୟଙ୍କର ହୋଇଥାଏ। ସେତେବେଳକୁ ଆମର କିଛି କରିବାକୁ ଆଉ ନ ଥାଏ। ଅଧିକାଂଶ ସମୟରେ ନିଃସଙ୍ଗତାର ବୀଜଟି ପରିବାରରେ ହିଁ ପଡ଼ିଥାଏ। ଆମର ଅନେକ ସ୍ୱଚ୍ଛଳ ପରିବାରମାନଙ୍କରେ ପିଲାକୁ କେବଳ ପାଠ ପଢ଼ି, ଭଲ ନମ୍ବର ରଖିବାକୁ ଉତ୍ସାହିତ କରି ବାହାରକୁ ବୁଲିଯିବାକୁ ନ ଦେବା, ସାଙ୍ଗସାଥୀମାନଙ୍କ ସାଥୀରେ ପ୍ରାଣ ଭରି ଖେଳିବାକୁ ନ ଦେବା, ନିଜ ଘର ବ୍ୟତୀତ ଅନ୍ୟ କୌଣସି କଥାରେ ଆଗ୍ରହ ରଖିବାକୁ ନ ଦେବା- ଏସବୁ ଗୋଟିଏ ଏକୁଟିଆ ଜୀବନର ଭିତ୍ତିଭୂମି ତିଆରି କରିଥାଏ। ସ୍କୁଲରୁ କଲେଜ, କଲେଜରୁ ଚାକିରି- ଏହି ଦୀର୍ଘ ଅବଧି ଭିତରେ ଏକୁଟିଆ ରହିବା - ଦେହରେ, ମନରେ - ତା'ର ଏପରି ଅଭ୍ୟାସ ହୋଇଯାଇଥାଏ ଯେ ସେ ଏହାକୁ ତା'ର ସ୍ୱାଭାବିକ ସ୍ଥିତି ବୋଲି ଗ୍ରହଣ କରିନେଇଥାଏ। ସେ ଏଥିରେ ନିଜକୁ ସୁରକ୍ଷିତ, ନିରାପଦ ବୋଲି ଭାବେ, କାରଣ ଅନ୍ୟ ମଣିଷଟି ତା' ପାଇଁ ଅନ୍ୟ ଗ୍ରହରୁ ଆସିଥିବା ଜୀବ ପରି ହୋଇଥାଏ ଏବଂ ତା' ସହ ସଂପର୍କ ତାକୁ ସବୁବେଳେ ସନ୍ଦିହାନ, ବେଳେବେଳେ ସଂତ୍ରସ୍ତ କରିଥାଏ। ନିଜର ଏକୁଟିଆତ୍ୱଟି ନିଜର ସବୁଠାରୁ ବଡ଼ ଅଭ୍ୟାସ ହୋଇଯାଏ ଏବଂ ଏଥିରୁ ମୁକୁଳିବା କଷ୍ଟକର ହୋଇପଡ଼େ। ଅଭ୍ୟାସ ଅନ୍ୟ ସବୁ କଥାକୁ ନିଷ୍ପନ୍ଦ, ନିର୍ଶ୍ଚିହ୍ନ କରିଦିଏ। ଅନ୍ୟ ମଣିଷ ସହ ମିଶିବା, କଥାବାର୍ତ୍ତା କରିବା, ଅନ୍ୟର ଜୀବନରେ ଆଗ୍ରହ ଦେଖାଇବା, ଜୀବନକୁ ଆଉ ଟିକିଏ ଉନ୍ମୁକ୍ତ କରି ବଚିଂବା- ସବୁ ଝରକା ବନ୍ଦ ହୋଇଯାଏ। ସାମୁଏଲ ବେକେଟ୍‌ଙ୍କର 'ୱେଟିଂ ଫର ଗୋଦୋ' ନାଟକରେ ପ୍ରସିଦ୍ଧ ଉକ୍ତିଟିଏ ଅଛି- ''ହାବିଟ୍- ଇଜ ଏ ଗ୍ରେଟ ଡେଡନର'', ଯାହାର ମର୍ମାର୍ଥ ହେଲା ଅଭ୍ୟାସ ହେଉଛି ପ୍ରାଣ-ସ୍ପନ୍ଦନ ହରଣକାରୀ। ଘରେ ଦାରିଦ୍ର୍ୟ, ଦୁର୍ଦ୍ଦଶା ଲାଗି ଥାଇପାରେ। କିନ୍ତୁ ଘର ଯଦି କୋଳାହଳରେ ମୁଖର, ତେବେ ସେ ଘରେ ତ ଅମାପ ଐଶ୍ୱର୍ଯ୍ୟ ଭରି ରହିଛି !

## ସ୍ୱଚ୍ଛ ପରିବେଶ :ସ୍ମୃତି ଓ ସାହିତ୍ୟ

ଆଜି ପୃଥିବୀରେ ପରିବେଶ ଏମିତି ବିଗିଡ଼ିଯାଇଛି ଯେ, ମଣିଷ ଜଳବାୟୁରେ ଘଡ଼ିକେ ଘୋଡ଼ା ଛୁଟୁଥିବା ଭଳି ଅକଳ୍ପନୀୟ, ଅଣପାରମ୍ପରିକ ଅବସ୍ଥା ଉପଲବ୍ଧି କରୁଛି। ଏମିତି କାହିଁକି ହେଲା ବୋଲି ବୈଜ୍ଞାନିକଙ୍କଠୁ ଆରମ୍ଭ କରି ଦାର୍ଶନିକ ତଥା ସମାଜ ଚିନ୍ତକ ପର୍ଯ୍ୟନ୍ତ ସମସ୍ତେ ନାନାଦି କାରଣ ଦର୍ଶାଇଛନ୍ତି। ଏପରିକି, ଏମିତିକା ପରିବେଶ ଅବସ୍ଥା ଚର୍ଚ୍ଚା କରାଯିବା ପାଇଁ 'ସମ୍ବାଦ ଗ୍ରୁପ୍' ତରଫରୁ ଆୟୋଜନ କରାଯାଇଥିବା 'ପୁନଶ୍ଚ ପୃଥିବୀ' ଶୀର୍ଷକ ଷାଠିଏଦିନିଆ ସମ୍ମେଳନରେ ସବୁବର୍ଗୀୟ ବୁଦ୍ଧିଜୀବୀମାନେ ଉପସ୍ଥିତ ରହି ଘଟଣାର ଗୁରୁତ୍ୱ ଓ ଭବିଷ୍ୟତ ଘେନି ନାନା ମତ ଉପସ୍ଥାପନ କରିଛନ୍ତି। ଏଭଳି ବୈଶ୍ୱିକ ସଂକଟର ଗମ୍ଭୀରତାକୁ ଉପଲବ୍ଧି କରାଯାଇ 'ସମ୍ବାଦ ଗ୍ରୁପ୍' ତରଫରୁ ଏଭଳି କାର୍ଯ୍ୟକ୍ରମ ଆଗାମୀ ବାରବର୍ଷ ପର୍ଯ୍ୟନ୍ତ ଆୟୋଜନ କରାଯିବ ବୋଲି ଘୋଷଣା କରାଯାଇଛି। ପ୍ରାକୃତିକ ପରିବେଶ ଓ ଜଳବାୟୁରେ ଯେଉଁ ଅସ୍ୱାଭାବିକତା ଆଜିର ମଣିଷ ପାଇଁ ସଂକଟଜନକ ଅବସ୍ଥା ସୃଷ୍ଟି କରିଛି, ତହିଁରୁ ମୁକ୍ତି ଅଥବା ତହିଁର ନିରାକରଣ ଉଚ୍ଚାରଣ (ଭାଷଣ) ବୈଠକୀରେ ନାହିଁ, ଅଛି ଆଚରଣ (ଶାରୀରିକ ଶ୍ରମ)ରେ, ପୁରାତନ ସାହିତ୍ୟରେ ଥିବା ଏ ସମ୍ବନ୍ଧୀୟ ଦିଗ୍‌ଦର୍ଶନ ଓ ବୈଜ୍ଞାନିକ ନିର୍ଦ୍ଦେଶାବଳୀର ସତର୍କ ମାନ୍ୟତାରେ। ପରିବେଶ ଘେନି ବିବିଧ ବିଶେଷ ଚର୍ଚ୍ଚା ସମାଜରେ ଗଣ୍ୟବ୍ୟକ୍ତିମାନଙ୍କ ଦ୍ୱାରା ଚଳୁଥିବା କାଳରେ, ଏ ଲେଖକର ସ୍ମୃତିରେ ଝଲସି ଉଠିଛି ବିଦ୍ୟାଳୟ ଜୀବନରେ ଛାତ୍ରାନୁଭବର କଥା। ୧୯୬୨ରୁ ୧୯୭୦ ଅର୍ଥାତ୍ ମାଟ୍ରିକ୍ ପାସ୍ କରିବା ପର୍ଯ୍ୟନ୍ତ ଏ ଲେଖକ ଗାଁ ପରିବେଶରେ ଗଢ଼ିଉଠୁଥିବା ଯେଉଁ ଶିକ୍ଷାୟତନରେ ଛାତ୍ର ଥିଲା, ତାହା ସତ୍ୟବାଦୀ ବନବିଦ୍ୟାଳୟ ଢାଚାଂରେ ଚଳୁଥିଲା। ବର୍ଷା କାଳ ପାଇଁ ଧାଉଡ଼ିଏ ଚାଳଛପର ଘର, ଯହିଁରେ ବରଡ଼ା ପଟି ଥିଲା କାନ୍ଥ। ଅନ୍ୟ ସମୟରେ ଶିକ୍ଷକମାନଙ୍କ ଦ୍ୱାରା ଆମମାନଙ୍କ ପଢ଼ାପଢ଼ି ହେଉଥିଲା, ପରିସରରେ ଥିବା ଅଶ୍ୱତ୍ଥ ଗଛ ଓ ବାଉଁଶ ବଣ ଛାଇରେ। ବିଦ୍ୟାଳୟର ଛାତ୍ରଛାତ୍ରୀ ପ୍ରତ୍ୟହ ପ୍ରାର୍ଥନା ପୂର୍ବରୁ ଉପସ୍ଥିତ ହୋଇ ଗଛରୁ ପଡ଼ିଥିବା ପତ୍ର ଗୋଟାଇ ନିକଟସ୍ଥ ଖାଲରେ ପକାନ୍ତି। ବିଦ୍ୟାଳୟର ଘାସ ପଡ଼ିଆ ସବୁଜିମାରେ ଉଜ୍ଜ୍ୱଳ ଦିଶେ। ଗଣେଶ ପୂଜା କି ସରସ୍ୱତୀ ପୂଜା ପରଦିନ ପରିବେଶକୁ ଆମେସବୁ ସଫାସୁତୁରା କରୁଥିଲୁ। ବିଦ୍ୟାଳୟର ବଗିଚାରେ ଶ୍ରମ ଦେଇ ଫୁଲ ଫୁଟାଉଥିଲୁ, ଆଳୁ, ବାଇଗଣ, ଟମାଟୋ ଫଳାଉଥିଲୁ, ଶାଗ ବଢ଼ାଉଥିଲୁ। ଅର୍ଦ୍ଧଶତାବ୍ଦୀ ପରେ ପଛକୁ ଚାହିଁଲା ବେଳକୁ ସେ ମହେଶ୍ୱର ଉ.ପ୍ରା., ମ.ଇ. ଓ ହାଇସ୍କୁଲ ଚେହେରା ଯାହା ସ୍ମୃତିରେ ଭାସୁଛି- ଏବେ ସବୁ କୋଠାମୟ। ସେ ଦିନର ଶିକ୍ଷକମାନେ ଆମମାନଙ୍କୁ ମାଟିମା'ର ପରିବେଶ ନିମିତ ଯେଭଳି କର୍ମୀ-ପ୍ରହରୀ କରି ଗଢ଼ିଥିଲେ, ତହିଁର ବିନିଯୋଗ ଆମେ କେଉଁଠି କାହିଁ କରିବାର ସୁଯୋଗ ଅବା ପାଇଲୁ। ବିଦ୍ୟାଳୟ ସ୍ତରର ଅଭ୍ୟାସ ଭବିଷ୍ୟତର ବାବୁଆକି ଖୋଳ ଭିତରେ ଅପଚରା ରହିଗଲା। ପରିବେଶକୁ ସ୍ୱଚ୍ଛ ରଖିବା ପାଇଁ କୈଶୋରରୁ ଯୌବନ କାଳ ପର୍ଯ୍ୟନ୍ତ ଗାଁରେ ଯେତେ ତାମିଲ ଓ ପୌରାଣିକ ଅନୁଜ୍ଞାର ପ୍ରଚଳନ ଥିଲା ଓ ଆୟନକୁ ଆସିଥିଲା ତାହା ଭବିଷ୍ୟତରେ ଫସର ଫାଟିଗଲା। କୂଅରେ ଗହଣା ହଜେଇ ଗଡ଼ିଆରେ ଖୋଜିବା ଭଳି, ଆଜିର ପ୍ରକୃତି ଓ ପାଣିପାଗର ଭୟଙ୍କରତାକୁ ସାମ୍ନା କଲାବେଳେ ଅନେକ ବାଟୁଳି ବାଜୁ ନ ଥିବା କଥାରେ କଥାରେ ବାଉଳି ହେଉଛନ୍ତି। ଏକଦା ସତ୍ୟବାଦୀ ବନବିଦ୍ୟାଳୟର ଜଣେ ଛାତ୍ର ଫୁଲ ଗଛର ଡାଳ ଖଣ୍ଡେ ଭାଙ୍ଗିଦେଲେ। ତାଙ୍କ ପଛେ ପଛେ ଆସୁଥିବା ପ୍ରଧାନଶିକ୍ଷକ ଗୋଦାବରୀଶ ମିଶ୍ର ନିଜ ଧୋତିର ଧଡ଼ି ଚିରି, ଭଙ୍ଗା ଡାଳକୁ ମୂଳ ଡାଳସହ ଯୋଡ଼ିକରି ବାନ୍ଧିଦେଲେ। ତା'ପରେ କ'ଣ ଘଟିଲା, ତାହା ଆଲୋଚ୍ୟ ପ୍ରସଙ୍ଗ ପାଇଁ ଅପ୍ରାସଙ୍ଗିକ। ଗାଁଗାଁରେ ରାମଲୀଳା ହେଉଥିଲା, ରାମାୟଣ ପଢ଼ାଯାଉଥିଲା। ଲୋକେ ଶୁଣୁଥିଲେ- ଜଟାୟୁର ଶବ ସତ୍କାର ପାଇଁ ରାମଚନ୍ଦ୍ର ଲକ୍ଷ୍ମଣଙ୍କୁ

Printed, Published,Edited and Ownedby Prakash Kumar Dhal,Printed at Das Offset Printers,Uditnagar,Main Road,Rourkela, Dist. Sundargarh, orissa -769012 & Published at QR.No. ECR-73,Chhend Colony,Rourkela -15, Dist. Sundergarh, Orissa. ସଂପାଦକ: ପ୍ରକାଶ କୁମାର ଧଳ
Mobile : 9439951525,Email: utkalsamachar@gmail.com / utkalsamachar@rediffmail.com (ଏହି ଅଙ୍କରେ ପ୍ରକାଶିତ ସମସ୍ତ ଖବରର ଚୟନ ଏବଂ ସଂପାଦନା ପାଇଁ ପି.ଆର.ବି. ଆକ୍ଟ ଅନ୍ତର୍ଗତ ଉତରଦାୟୀ ସମସ୍ତ ବିବାଦ ରାଉରକେଲା ନ୍ୟାୟପାଳିକାର ଅଧୀନରେ ହିଁ ହେବ।) Phone: 0661-2646999 Editor : Prakash Kumar Dhal
CITY OFFICE: B/204, SECTOR-16, ROURKELA, Pin :769003







# ୧ ମାର୍ଚ୍ଚରେ ମେଗା ମାଗଣା ସ୍ୱାସ୍ଥ୍ୟ ପରୀକ୍ଷା ଶିବିର:

## ଯୋଗଦେବେ ଭିମସାରର ଅନୁଭବୀ ଚିକିତ୍ସକ



ସମ୍ବଲପୁର,୨୭/୨(ନି/ପ୍ର):ଆସନ୍ତା ମାର୍ଚ୍ଚ ୧ ତାରିଖ ଦିନ ରତ୍ନାକର ବେହେରା ଯୁବକ ସଂଘ ପକ୍ଷରୁ ମେଗା ମାଗଣା ସ୍ୱାସ୍ଥ୍ୟ ପରୀକ୍ଷା ଓ ରକ୍ତଦାନ ଶିବିର ଅନୁଷ୍ଠିତ ହେବ ଓ ଶିବିର ରେ ଭିମସାରର ୧୫ ଜଣ ଅନୁଭବୀ ଚିକିତ୍ସକମାନଙ୍କ ଦ୍ୱାରା ଚିକିତ୍ସା ସମ୍ପୂର୍ଣ୍ଣ ମାଗଣା ଉପଲବ୍ଧ ହେବ ଓ ସହରାଂଚଳ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର, ଧନକଉଡା ରେ ୧ ମାର୍ଚ୍ଚ (ରବିବାର), ସକାଳ ୮.୩୦ ରୁ ମଧ୍ୟାହ୍ନ ୧.୩୦ ପର୍ଯ୍ୟନ୍ତ ଏହି ଶିବିର ଜାରି ରହିବ ଓ ଏହି ମର୍ମ ରେ ଆଜି ରତ୍ନାକର ବେହେରା ଯୁବକ ସଂଘ ର ସମ୍ପାଦକ ହୀରାଲାଲ ବେହେରା ସଂଘ ର କାର୍ଯ୍ୟାଳୟ ପରିସରରେ ଅନୁଷ୍ଠିତ ଏକ ସାମ୍ବାଦିକ ସମ୍ମିଳନୀ ରେ ବିସ୍ତୃତ ସୂଚନା ପ୍ରଦାନ କରିଥିଲେ ଓ ଏହି ଶିବିର ରେ ପ୍ରଫେସର ଡ଼ା. ଲାଲମୋହନ ନାୟକ (ସ୍ତ୍ରୀ ଓ ପ୍ରସୂତି ବିଭାଗ) ଭୀମସାର ବୁର୍ଲା, ସହକାରୀ ପ୍ରଫେସର ଡ଼ା. ପଲ୍ଲବୀ ଠାକୁର (ସ୍ତ୍ରୀ ଓ ପ୍ରସୂତି ବିଭାଗ) ଭୀମସାର, ସହ ପ୍ରଫେସର ଡା. ଅରବିନ୍ଦ ବେହେରା (ଯକ୍ଷ୍ମା ଓ ଛାତି ରୋଗ ବିଭାଗ), ପ୍ରଫେସର ଡା. ଅଶୋକ କୁମାର ପାଣିଗ୍ରାହୀ (ମେଡିସିନ ବିଭାଗ), ସହ ପ୍ରଫେସର ଡା. ମନୋରଞ୍ଜନ ନାୟକ (ମେଡିସିନ ବିଭାଗ), ଡା. ଅରୁଣ ଦାଶ (ମେଡିସିନ ବିଭାଗ) ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ସମ୍ବଲପୁର, ସହ ପ୍ରଫେସରୁ ଡ଼ା. ପ୍ରମୋଦ କୁମାର ଶର୍ମା (ଚକ୍ଷୁ ବିଭାଗ) ଭୀମସାର, ସହ ପ୍ରଫେସର ଡା. ବିଶ୍ୱରଞ୍ଜନ ରାଉତରାୟ (କ୍ୟାନ୍ସର ବିଭାଗ), ଡ଼ା. କେ.କେ ଗୁପ୍ତା (ଶିଶୁ ରୋଗ ବିଶେଷଜ୍ଞ) ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ (ଅବସର ପ୍ରାପ୍ତ), ପ୍ରଫେସର ଡ଼ା. ସତ୍ୟଜିତ ମିଶ୍ର (କଣ୍ଠ ନାଶା ଓ ଗଳା ବିଶେଷଜ୍ଞ) ଭୀମସାର, ସହ ପ୍ରଫେସର ଡ଼ା. ଏସ୍. କେ. ପାଟଯୋଶି (ଚର୍ମ ଓ ଯୌନ ବିଭାଗ), ସହାୟକ ପ୍ରଫେସର ଡା. ଚୌବର୍ଗ ନାଏକ ଡ଼ା. ଅଭିଶେକ ଆଷ୍ଟର୍ଯ୍ୟ (ଦନ୍ତ ରୋଗ ବିଶେଷଜ୍ଞ), ଡ଼ା. ଜ୍ୟୋତିର୍ମୟୀ ସାହୁ ଏବଂ ଲକ୍ଷ୍ମୀକାନ୍ତ ବେହେରା ସି.ଏଚ.ସି ଦେବେଇପାଲି ପ୍ରମୁଖ ଯୋଗଦାନ କରି ସେବା ଯୋଗାଇ ଦେବେ ବୋଲି ସଂଘ ର ସଭାପତି ବିଶ୍ୱଜିତ ପଣ୍ଡା ପ୍ରକାଶ କରିଥିଲେ ଓ ଆବାଳ ବୃଦ୍ଧ ବନିତା ଏହି ଶିବିର ରେ ଯୋଗଦାନ କରି ସମ୍ପୂର୍ଣ୍ଣ ମାଗଣା ଚିକିତ୍ସା ସୁବିଧା ନେବାକୁ ସଂଘ ପକ୍ଷରୁ ଅନୁରୋଧ କରାଯାଇଥିଲା ଓ ଏହି ଅବସରରେ ଯୁବକ ସଂଘ ର ଉପଦେଷ୍ଟା କିଶୋର କୁମାର ସାହୁ ଏବଂ ଅରୁଣ କୁମାର ରାୟ ମଂଚାସୀନ ଥିଲେ ।

# ଜଙ୍ଗଲ ନିଆଁ ନିୟନ୍ତ୍ରଣ ପାଇଁ ବନ ବିଭାଗ ପକ୍ଷରୁ ସଚେତନତା ଓ ମକ୍ ଡ୍ରିଲ୍



ଝାରସୁଗୁଡ଼ା,୨୭/୨(ନି/ପ୍ର): ଆଗାମୀ ଗ୍ରୀଷ୍ମ ଋତୁରେ ଜଙ୍ଗଲ ନିଆଁର ପ୍ରତିରୋଧ ଏବଂ ଏହାର ନିରାକରଣ ପାଇଁ ପ୍ରସ୍ତୁତି ସ୍ୱରୂପ ଝାରସୁଗୁଡ଼ା ବନାଂଚଳ, ଝାରସୁଗୁଡ଼ା ବନଖଣ୍ଡ ପକ୍ଷରୁ କାତିକେଲା ଗ୍ରାମଠାରେ ଜିଲ୍ଲାସ୍ତରୀୟ 'ଜଙ୍ଗଲ ନିଆଁ ସଚେତନତା ସଭା ଏବଂ ମକ୍ ଡ୍ରିଲ୍' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଜଙ୍ଗଲ ସମ୍ପଦକୁ ଅଗ୍ନି ଦାଉରୁ ରକ୍ଷା କରିବା ଏବଂ ସ୍ଥାନୀୟ ସମୁଦାୟ ମଧ୍ୟରେ ସଚେତନତା ସୃଷ୍ଟି କରିବା ଏହି କାର୍ଯ୍ୟକ୍ରମର ମୂଳ ଉଦ୍ଦେଶ୍ୟ ଥିଲା । ଏହି ଅବସରରେ ଅଗ୍ନିଶମ ବିଭାଗର ଅଧିକାରୀ ଓ କର୍ମଚାରୀମାନଙ୍କ ଦ୍ୱାରା ଜଙ୍ଗଲରେ ନିଆଁ ଲାଗିଲେ ତାହାକୁ କିପରି ତୁରନ୍ତ ଆୟତ କରାଯିବ ଏବଂ ବିଭିନ୍ନ ପ୍ରକାରର ଉଦ୍ଧାର କାର୍ଯ୍ୟ କୌଶଳ ସମ୍ପର୍କରେ ଏକ ମକ୍ ଡ୍ରିଲ୍ କରାଯାଇଥିଲା । ଏହାସହ ବିଭିନ୍ନ ବିଭାଗ ମଧ୍ୟରେ ସମନ୍ୱୟ ରକ୍ଷା କରି କାର୍ଯ୍ୟ କରିବା ଉପରେ ଗୁରୁତ୍ୱ ଦିଆଯାଇଥିଲା । କାତିକେଲା ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଛାତ୍ରଛାତ୍ରୀମାନେ ନୃତ୍ୟ, ସଙ୍ଗୀତ ଏବଂ ପଥପ୍ରାନ୍ତ ନାଟକ ମାଧ୍ୟମରେ ଜଙ୍ଗଲ ନିଆଁର ଭୟାବହତା ଏବଂ ଏହାର ପ୍ରତିକାର ସମ୍ପର୍କରେ ସଚେତନତା ବାର୍ତ୍ତା ପରିବେଷଣ କରିଥିଲେ । ବିଜୟ କୁମାର ପ୍ରଦାନ, ବନାଂଚଳ ଅଧିକାରୀ ଏହି କାର୍ଯ୍ୟକ୍ରମଟିକୁ ସୁଚାରୁ ରୂପେ ପରିଚାଳନା କରିଥିଲେ । ଏଥିସହ କାର୍ଯ୍ୟକ୍ରମରେ କାତିକେଲା ନାଏବ ସରପଂଚ, କେନ୍ଦୁପତ୍ର ବିଭାଗର କର୍ମଚାରୀ, ଝାରସୁଗୁଡ଼ା ରେଞ୍ଜର ବନ କର୍ମଚାରୀ, ଅଗ୍ନିଶମ ବାହିନୀ, ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟା, ବନ ସଂରକ୍ଷଣ ସମିତିର ସଦସ୍ୟ ଏବଂ ଗ୍ରାମବାସୀମାନେ ବହୁ ସଂଖ୍ୟାରେ ଯୋଗ ଦେଇଥିଲେ । ଜଙ୍ଗଲର ସୁରକ୍ଷା ପାଇଁ ଗୋଷ୍ଠୀଗତ ସହଭାଗିତା ଏକାନ୍ତ ଆବଶ୍ୟକ ବୋଲି ବକ୍ତାମାନେ ମତ ପ୍ରକାଶ କରିଥିଲେ । ଝାରସୁଗୁଡ଼ା ବନାଂଚଳ, ଝାରସୁଗୁଡ଼ା ବନଖଣ୍ଡର ସ୍ୱତନ୍ତ୍ର ସ୍କ୍ୱାଡ୍ ଏହି ଅଭ୍ୟାସ କାର୍ଯ୍ୟକ୍ରମରେ ସକ୍ରିୟ ଅଂଶଗ୍ରହଣ କରିଥିଲେ ।

# ପଦ୍ମ ଧରିଲେ ସୁନାବେଡା ମ୍ୟୁନିସିପାଲିଟିର ଅଧ୍ୟକ୍ଷ




କୋରାପୁଟ,୨୭/୨(ନି/ପ୍ର): ସୁନାବେଡା ପୌର ପରିଷଦ ଅଧ୍ୟକ୍ଷ ରାଜେନ୍ଦ୍ର କୁମାର ପାତ୍ର ଆଜି ବିଜେପି ଦଳରେ ଯୋଗ ଦେଇଛନ୍ତି । ରାଜ୍ୟ ବିଜେପି ସଭାପତି ମନମୋହନ ସାମଲ ଦଳୀୟ ଟୋପି ପିନ୍ଧାଇ ଶ୍ରୀ ପାତ୍ରଙ୍କୁ ସ୍ୱାଗତ କରିଥିଲେ । ତାଙ୍କ ସହିତ ୬ଜଣ କାଉନସିଲର ସମେତ ୫୦ରୁ ଉର୍ଦ୍ଧ୍ୱ ସମର୍ଥକ ମଧ୍ୟ ବିଜେପିରେ ଯୋଗ ଦେଇଛନ୍ତି । ଏଠାରେ ଉଲ୍ଲେଖ ଯୋଗ୍ୟ ଯେ, ଶ୍ରୀ ପାତ୍ର ୨୦୨୨ ପୌର ନିର୍ବାଚନରେ ବିଜେପିରୁ ଟିକେଟ ନମିଳିବା ପରେ ସ୍ୱାଧୀନ ଭାବେ ନିର୍ବାଚନ ଲଢ଼ି ବିଜୟୀ ହୋଇଥିଲେ କିନ୍ତୁ ପରବର୍ତ୍ତୀ ସମୟରେ ସେ ନିଜ ସମର୍ଥକଙ୍କ ସହିତ ବିଜେଡିରେ ଯୋଗ ଦେଇଥିଲେ । ଆଜି ସେ ପୁଣି ନିଜ ସମର୍ଥକଙ୍କ ସହିତ ଘର ବାହୁଡା କରିଛନ୍ତି । ଏହି ମିଶ୍ରଣ କାର୍ଯ୍ୟକ୍ରମରେ ରାଜ୍ୟ ସମ୍ପାଦକ ସରୋଜ କର, ଜଗତସିଂହପୁର ସାଂସଦ ବିଭୂପ୍ରସାଦ ତରାଇ, କୋରାପୁଟ ବିଧାୟକ ରଘୁରାମ ମାଛ, କୋରାପୁଟ ଜିଲ୍ଲା ସଭାପତି ଶିବ ମୁଦୁଲି, ପୂର୍ବତନ ସଭାପତି ସୁମନ୍ତ ପ୍ରଧାନ, ଜିଲ୍ଲା ଆଇଟି ସେଲ ସଂଯୋଜକ ବଦ୍ରି ନାରାୟଣ ପାତ୍ରଙ୍କ ସମେତ ବହୁ କର୍ମକର୍ତ୍ତା ଉପସ୍ଥିତ ଥିଲେ ।

# କଲମ ପରିବାର ଟ୍ରଷ୍ଟର ଚତୁର୍ଥ ପ୍ରତିଷ୍ଠା ଦିବସ

ସମ୍ବଲପୁର,୨୭/୨(ନି/ପ୍ର): ସ୍ଥାନୀୟ ସାମ୍ବାଦିକ ଭବନ ପରିସରରେ କଲମ ପରିବାର ଟ୍ରଷ୍ଟର ଚତୁର୍ଥ ପ୍ରତିଷ୍ଠା ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଉପସ୍ଥିତ ବକ୍ତାମାନେ ନିଜ ନିଜ ବକ୍ତବ୍ୟରେ ସୂଚୀତ କରାଇଥିଲେ ଏବେ ବି ସମ୍ବଲପୁରୀ ଭାଷାର ମାନ୍ୟତା ପାଇଁ ଆନ୍ଦୋଳନ ଅବ୍ୟାହତ ରହିଛି । ସମ୍ବିଧାନର ଅଷ୍ଟମ ଅନୁଚ୍ଛେଦରେ ମାନ୍ୟତା ପାଇଁ ଆନ୍ଦୋଳନର ସଫଳତା ଦିଗରେ ଯୁବଗୋଷ୍ଠୀଙ୍କୁ ସାମିଲ କରିବା ଓ ଭାଷା ଚେତନା ଅତ୍ୟନ୍ତ ଜରୁରୀ । ଲେଖକ ଲେଖିକା ମାନେ ମଧ୍ୟ ନିଜ ଆଲେଖ୍ୟ ସହ ସଙ୍ଗଠିତ ହୋଇ ଆନ୍ଦୋଳନରେ ସାମିଲ ହୋଇପାରିଲେ ଉପସ୍ଥାପିତ ଦାବିର ଗୁରୁତ୍ୱ ନିଶ୍ଚିତ ବୃଦ୍ଧି ପାଇ ପାରନ୍ତା । ଲକ୍ଷ୍ୟ ହାସଲ ପାଇଁ ରଚନାତ୍ମକ ଓ ଯୋଜନାବଦ୍ଧ ଭାବେ କାର୍ଯ୍ୟ କରିବାକୁ ପଡ଼ିବ ବୋଲି ବକ୍ତାମାନେ ମତବ୍ୟକ୍ତ କରିଥିଲେ । ସଭାରେ କଲମର ସଭାପତି ତଫିଜୁଲ ହୁସେନ ସଭାପତିତ୍ୱ କରିଥିବା ବେଳେ ସମ୍ପାଦକ କ୍ଷେତ୍ରମଣି ବିଭାର ପ୍ରାରମ୍ଭିକ ସୂଚନା ପ୍ରଦାନ କରି ଅନୁଷ୍ଠାନ ଗ୍ରହଣ କରିଥିବା ବିଭିନ୍ନ ପଦକ୍ଷେପ ସମ୍ପର୍କରେ ସୂଚନା ଦେଇଥିଲେ । ପରେ କଲମ ପରିବାର ଟ୍ରଷ୍ଟର ଉପଦେଷ୍ଟା ଡ଼. ପ୍ରଦୀପ କୁମାର ପଣ୍ଡାଙ୍କ ସଭାପତିତ୍ୱରେ ଅନୁଷ୍ଠିତ 'ଭାଷା ଆନ୍ଦୋଳନଥି, ଆମର୍ ଏକତା କେତେଦୂର' ଶୀର୍ଷକ ଆଲୋଚନାଚକ୍ରରେ ଭାଷା ଗବେଷକ ଉତ୍ପନ୍ନ ଭୋଇ, ବିଶିଷ୍ଟ ସାହିତ୍ୟିକ ମୁକ୍ତକଣ୍ଠ ପ୍ରଧାନ ଏବଂ ଅଧ୍ୟାପକ ଓ ସାହିତ୍ୟିକ ମୋହନ ସାହୁ ଅଲୋଚକ ଭାବେ ଯୋଗ ଦେଇଥିଲେ ।

# ଲକ୍ଷ୍ମୀନାରାୟଣ ମହାବିଦ୍ୟାଳୟରେ ଆୟୋଜିତ ହେବ, ବିକଶିତ ଭାରତ ଯୁଥ ପାର୍ଲାମେଂଟ-୨୦୨୬"

## ୫୦ ବର୍ଷର ଗଣତନ୍ତ୍ର ଉପରେ ଆଧାରିତ ବିଷୟବସ୍ତୁରେ ହେବ ଆଲୋଚନା

ଝାରସୁଗୁଡ଼ା,୨୭/୨(ନି/ପ୍ର): କେନ୍ଦ୍ର ସରକାରଙ୍କ କ୍ରୀଡା ଓ ଯୁବ ବ୍ୟାପାର ମନ୍ତ୍ରଣାଳୟ ଅଧୀନସ୍ଥ ଜାତୀୟ ସେବା ଯୋଜନା (ଏନଏସଏସ) ଏବଂ ଲକ୍ଷ୍ମୀନାରାୟଣ ମହାବିଦ୍ୟାଳୟ ର ଯୁଗ୍ମ ଆନୁକୂଲ୍ୟରେ ଆସନ୍ତା ଫେବୃଆରୀ ୨୭ ତାରିଖରେ ଝାରସୁଗୁଡା ଜିଲ୍ଲାସ୍ତରୀୟ "ବିକଶିତ ଭାରତ ଯୁଥ ପାର୍ଲାମେଂଟ-୨୦୨୬" କାର୍ଯ୍ୟକ୍ରମ ମହାବିଦ୍ୟାଳୟ ପରିସରରେ ଆୟୋଜିତ ହେବ । ଏ ସମ୍ପର୍କରେ ଆୟୋଜିତ ଏକ ସମ୍ମିଳନୀ ସଭାରେ ମହାବିଦ୍ୟାଳୟର ଅଧ୍ୟକ୍ଷ ଗୋବିନ୍ଦ ଚନ୍ଦ୍ର ସାହୁ କାର୍ଯ୍ୟକ୍ରମର ମୂଳ ଉଦ୍ଦେଶ୍ୟ ସ୍ପଷ୍ଟ କରି କହିଥିଲେ ଯେ, "ବିକଶିତ ଭାରତ ଓ ୫୦ ବର୍ଷର ଗଣତନ୍ତ୍ର" ଭିତିକ ବିଷୟବସ୍ତୁ ଉପରେ ପ୍ରତିଯୋଗୀମାନେ ତାଙ୍କର ମତାମତ ଓ ଚିନ୍ତାଧାରା ଉପସ୍ଥାପନ କରିବେ । ଜିଲ୍ଲାସ୍ତରୀୟ ପ୍ରତିଯୋଗିତାରେ ସଫଳ ପ୍ରତିଯୋଗୀମାନେ ରାଜ୍ୟସ୍ତରୀୟ ପ୍ରତିଯୋଗିତାରେ ଅଂଶଗ୍ରହଣ କରିବେ ଏବଂ ସେଠାରୁ ନିର୍ବାଚିତ ପ୍ରତିଭାଗୀମାନେ ଜାତୀୟ ସ୍ତରରେ ପାର୍ଲିଆମେଂଟରେ ଅଂଶଗ୍ରହଣ କରିବାର ସୁଯୋଗ ପାଇବେ ବୋଲି ଶ୍ରୀ ସାହୁ ସୂଚନା ଦେଇଥିଲେ । ଏହି କାର୍ଯ୍ୟକ୍ରମରେ ଅଂଶଗ୍ରହଣକାରୀ ପ୍ରତିଯୋଗୀମାନଙ୍କ ପାଇଁ ବୟସ ସୀମା ୧୮ ରୁ ୨୫ ବର୍ଷ ଧାର୍ଯ୍ୟ କରାଯାଇଛି । ପ୍ରତିଯୋଗୀମାନେ ତାଙ୍କର ବକ୍ତବ୍ୟ ଓଡ଼ିଆ, ହିନ୍ଦି କିମ୍ବା ଇଂରାଜୀ ଭାଷାରେ ପ୍ରଦାନ କରିପାରିବେ । ଏଥିରେ ପ୍ରାୟ ୨୦୦ରୁ ଅଧିକ ପ୍ରତିଯୋଗୀ ଅଂଶଗ୍ରହଣ କରିବାର ସମ୍ଭାବନା ରହିଛି । ଏହି ସମ୍ମିଳନୀ ସଭାରେ ଏନଏସଏସ ଜିଲ୍ଲା ସଂଯୋଜକ ଡ. ଲାଲଧାରୀ ସିଂହ, ବରିଷ୍ଠ ପ୍ରାଧ୍ୟାପକ ତପନ ବାରିକ, , ପ୍ରାଧ୍ୟାପିକା ଡ. ସ୍ୱର୍ଣ୍ଣମୟୀ ପୁରୋହିତ, ଡ. ମନୀଷ କୁମାର ଦ୍ୱିବେଦୀ, ପ୍ରାଧ୍ୟାପିକା ପୂର୍ଣ୍ଣିମା ଦାଶ ଡ. ସୁଚରିତା ଦାଶ,ଅଧ୍ୟାପକ ସ୍ୱାଇକର ଏକ୍କା ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମ ସମ୍ପର୍କରେ ବିସ୍ତୃତ ସୂଚନା ପ୍ରଦାନ କରିଥିଲେ ।

# ବଳଦେବଜୀଉଙ୍କ ରଥ ନିର୍ମାଣ ଲାଗି ୧ କୋଟି ଟଙ୍କାର ସ୍ୱତନ୍ତ୍ର ଅନୁଦାନ

କେନ୍ଦ୍ରାପଡ଼ା,୨୭/୨(ନି/ପ୍ର): କେନ୍ଦ୍ରାପଡ଼ା ଜିଲ୍ଲାର ପ୍ରସିଦ୍ଧ ବଳଦେବ ଜୀଉଙ୍କ ନୂତନ ବ୍ରହ୍ମ ତାଳଧ୍ୱଜ ରଥର ନିର୍ମାଣ ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ଏକ କୋଟି ଟଙ୍କାର ସ୍ୱତନ୍ତ୍ର ଅନୁଦାନ ମଞ୍ଜୁର ହୋଇଛି । ଏଥିନେଇ ଆଇନ, ପୂର୍ତ୍ତ ଓ ଅବକାରୀ ମନ୍ତ୍ରୀ ଶ୍ରୀ ପୃଥ୍ୱୀରାଜ ହରିଚନ୍ଦନ ପ୍ରତିକ୍ରିୟା ରଖି କହିଛନ୍ତି ଯେ ବିଗତ କିଛିଦିନ ଧରି ରଥର ୧୪ଟି ଚକର ଅବସ୍ଥା ଠିକ୍ ନଥିବାରୁ ରଥ ଚାଳନାରେ ବିଭିନ୍ନ ପ୍ରକାରର ବିଘ୍ନ ସୃଷ୍ଟି ହେଉଥିଲା । ଫଳସ୍ୱରୂପ ରଥ ମାଉସୀ ମା'ଙ୍କ ମନ୍ଦିରରେ ନିର୍ଦ୍ଧାରିତ ସମୟରେ ପହଂଚି ପାରୁ ନଥିଲା ଏବଂ ପାଖାପାଖି ଦୁଇଦିନ ବଳମ୍ୱ ହେଉଥିଲା । ବାହୁଡ଼ା ଯାତ୍ରା ସମୟରେ ମଧ୍ୟ ସମାନ ସ୍ଥିତି ଦେଖା ଯାଉଥିଲା । ଏହାକୁ ଦୃଷ୍ଟିରେ ରଖି ପ୍ରଭୁ ବଳଦେବ ଜୀଉଙ୍କ ନୂତନ ରଥ ନିର୍ମାଣରେ ଯେପରି କୌଣସି ଅସୁବିଧା ସୃଷ୍ଟି ନ ହୁଏ, ସେଥିପାଇଁ ରାଜ୍ୟ ସରକାର ଏକ କୋଟି ଟଙ୍କାର ଅନୁଦାନ ରାଶି ମଞ୍ଜୁର କରିଛନ୍ତି । ଏଥିନେଇ ବିଧି ବିଭାଗ ପକ୍ଷରୁ ସ୍ୱତନ୍ତ୍ର ନିର୍ଦ୍ଦେଶନାମା ପ୍ରକାଶ ପାଇଛି । ବଳଦେବ ଜୀଉ ମନ୍ଦିରର ସମସ୍ତ ରୀତିନୀତି ଓ ପରମ୍ପରାର ସୁରକ୍ଷା ନେଇ ରାଜ୍ୟ ସରକାର ପ୍ରତିବଦ୍ଧ ରହିଛନ୍ତି । ଏହି ଅନୁଦାନ ବଳଦେବ ଜୀଉଙ୍କ ପୀଠକୁ ଆସୁଥିବା ସମସ୍ତ ଭକ୍ତ ଓ ଶ୍ରଦ୍ଧାଳୁ ତଥା ରାଜ୍ୟବାସୀଙ୍କ ପାଇଁ ଏକ ଆନନ୍ଦର ବିଷୟ ବୋଲି ମନ୍ତ୍ରୀ ଶ୍ରୀ ହରିଚନ୍ଦନ ମତବ୍ୟକ୍ତ କରିଛନ୍ତି ।

# ୨୫ କୋଟିର ଅଫିମ ଗଛ ନଷ୍ଟ



ଦେବଗଡ,୨୭/୨(ନି/ପ୍ର): ଦେବଗଡ ଜିଲ୍ଲାରେ ପ୍ରାୟ ୨୫ କୋଟି ଟଙ୍କାର ଅଫିମ ଗଛ ନଷ୍ଟ କଲା ଅବକାରୀ ବିଭାଗ । ରିଆମାଳ ଥାନା କାଦୋପଡା ଗାଁର ବାଉଁଶଯୋରା ନାଳ କଡରେ ବେଆଇନ ଅଫିମ ଚାଷ ହୋଇଥିଲା । ପ୍ରାୟ ୨ ଏକର ସରକାରୀ ଜମିର ୫ ଟି ପ୍ଲଟରେ ଅଫିମ ଚାଷ କରାଯାଇଥିବା ଅବକାରୀ ବିଭାଗ ସୂଚନା ପାଇ ଆଜି ଚଢଉ କରିଥିଲା । ପ୍ରାୟ ୫୦ ହଜାରରୁ ଅଧିକ ଅଫିମ ଗଛ ଲାଗିଥିବାବେଳେ ପୂର୍ବରୁ ଅନେକ ଥର ଅମଳ ହୋଇ ସାରିଥିବା ଜଣାପଡିଛି । ସମସ୍ତ ଅଫିମ ଗଛ ନଷ୍ଟ କରିବା ସହିତ ସେଥିରେ ନିଆଁ ଲଗାଇ ପୋଡି ଦିଆଯାଇଛି । ସରକାରୀ ଜମି ହୋଇଥିବା ବେଳେ ଏହା ପଛରେ କେଉଁ ମାନେ ସାମିଲ ଅଛନ୍ତି ସେନେଇ ତଦନ୍ତ କରାଯାଉଛି । ଜଙ୍ଗଲ ଭିତରେ ଚାଷ ହୋଇଥିବାରୁ ଜଣା ପଡିନଥିଲା । ଆଜି ସୂଚନା ପାଇବା ପରେ ଅବକାରୀ ଅଧିକ୍ଷିକା ବାସନ୍ତୀ ପ୍ରଭା ନାୟକଙ୍କ ନେତୃତ୍ୱରେ ଚଢଉ କରାଯାଇଥିଲା । ଏକଜିକ୍ୟୁଟିଭ୍ ମାଜିଷ୍ଟ୍ରେଟ ତଥା ରିଆମାଳ ଅତିରିକ୍ତ ତହସିଲଦାର ପ୍ରେମ ପ୍ରକାଶ ହରୋଙ୍କ ଉପସ୍ଥିତିରେ ସମସ୍ତ ଅଫିମ ଗଛ ନଷ୍ଟ କରାଯାଇଛି । ଏହାର ଆନୁମାନିକ ମୂଲ୍ୟ ପ୍ରାୟ ୨୫ କୋଟି ଟଙ୍କା ହେବ ବୋଲି ଦେବଗଡ ଅବକାରୀ ଅଧିକାରୀ ସୂଚନା ଦେଇଛନ୍ତି ।

# ୫ମ ଶ୍ରୀ ସଚ୍ଚିଦାନନ୍ଦ ମହୋତ୍ସବ

କେନ୍ଦ୍ରାପଡ଼ା,୨୭/୨(ନି/ପ୍ର): ପଂଚମ ଶ୍ରୀ ସଚ୍ଚିଦାନନ୍ଦ ମହୋତ୍ସବରେ ସ୍ମୃତିର ଓଡ଼ିଶା ଚାରିଟେବଲ ଟ୍ରଷ୍ଟ ତରଫରୁ କେନ୍ଦ୍ରାପଡ଼ା ଜିଲ୍ଲା ମାର୍ଶାଘାଇ ବ୍ଲକ ଅଧିନସ୍ତ ବଟିରା ଗ୍ରାମପଂଚାୟତରେ ଋତୁସ୍ରାବ ସମୟରେ ପରିମଳ ଓ ସ୍ୱଚ୍ଛତା ବିଷୟରେ ଏକ ସଚେତନ ଶିବିର ଅନୁଷ୍ଠିତ ହେଇଯାଇଛି । ଏଠି ସ୍ମୃତିର ଓଡିଶା ସଂଘଠନର ଅଧ୍ୟକ୍ଷ ଶ୍ରୀ ପୂର୍ଣ୍ଣେନ୍ଦୁ କୁମାର ମିଶ୍ର, ସଦସ୍ୟ ଶ୍ରୀ ମନୋଜ ବିଶ୍ୱାଳ, ବରିଷ୍ଠ ଉପାଧ୍ୟାକ୍ଷା ଶ୍ରୀମତୀ ଦେବସ୍ମିତା ମିଶ୍ର ଏବଂ ଉପ ସଭାପତି ଶ୍ରୀମତୀ ରୋଜାଲିନ ମହାନ୍ତିଙ୍କ ଉପସ୍ଥିତି ଓ ତତ୍ତ୍ୱାବଧାନରେ ୧୦୦ ରୁ ଉର୍ଦ୍ଧ୍ୱ ଗ୍ରାମୀଣ ମା ଓ ଭଉଣୀ ମାନଙ୍କୁ ଋତୁସ୍ରାବ ସମୟରେ ପରିମଳ ଓ ସ୍ୱଚ୍ଛତା ବିଷୟରେ ବିସ୍ତୃତ ବିବରଣୀ ଦେଇ ବୁଝାଇଦିଆଯାଇଥିଲ । ଏଥିରେ ଟ୍ରଷ୍ଟର ବରିଷ୍ଟ ଉପାଧ୍ୟାକ୍ଷା ଦେବସ୍ମିତା ମିଶ୍ର ସାନିଟାରୀ ନ୍ୟାପକିନ ର ଆବଶ୍ୟକତା ଏବଂ ବ୍ୟବହାର ବିଷୟରେ ବୁଝାଇ ଶିବିରରେ ଉପସ୍ଥିତ ସମସ୍ତ ମା ଭଉଣୀ ଏବଂ କିଶୋରୀ ଝିଅମାନଙ୍କ ମଧ୍ୟରେ ନ୍ୟାପକିନ୍ ବିତରଣ କରିଥିଲେ ।

# ସମ୍ବଲପୁର ପ୍ରେସ କ୍ଲବର ସାଧାରଣ ପରିଷଦ ବୈଠକ: ମାର୍ଚ୍ଚ ୧ରେ ନିର୍ବାଚନ

ସମ୍ବଲପୁର,୨୭/୨(ନି/ପ୍ର): ସମ୍ବଲପୁର ପ୍ରେସ କ୍ଲବର ରବିବାର ସାଧାରଣ ପରିଷଦ ବୈଠକ ଅନୁଷ୍ଠିତ ହୋଇଯାଇଛି । ତ୍ରିବିକ୍ରମ ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ବୈଠକରେ ପ୍ରେସ କ୍ଲବର ଦିବଙ୍ଗତ ସଦସ୍ୟ ମାନଙ୍କ ଅମର ଆତ୍ମାର ସଦଗତି ପାଇଁ ନିରବ ପ୍ରାର୍ଥନା କରାଯାଇଥିଲା । ସାଧାରଣ ସମ୍ପାଦକ ଭବାନୀ ଶଙ୍କର ଭୋଇଙ୍କ ଦ୍ୱାରା ବିଗତ ଦିନର ଖର୍ଚ୍ଚ ବିବରଣୀ ଉପସ୍ଥାପନ କରାଯିବା ସହ ସାଧାରଣ ପରିଷଦ ବୈଠକରେ ଏହା ଉପରେ ଆଲୋଚନା କରାଯାଇଥିଲା । ବିଗତ ଦିନରେ ସମ୍ବଲପୁର ପ୍ରେସ କ୍ଲବ ରେ ହୋଇଥିବା ବିକାଶ କାର୍ଯ୍ୟର ସମୀକ୍ଷା କରାଯାଇଥିଲା । ପ୍ରେସ କ୍ଲବର ସଦସ୍ୟ ମାନଙ୍କ ବିକାଶ ପାଇଁ ବ୍ୟାଙ୍କ ଆକାଉଣ୍ଟରେ ରହିଥିବା ଟଙ୍କାକୁ ଫିକ୍ସ ଡିପୋଜିଟ କରାଯିବା ନେଇ ବୈଠକରେ ଆଲୋଚନା କରାଯାଇଥିଲା । ଏହାସହ ଆଗାମୀ ନିର୍ବାଚନ ମାର୍ଚ୍ଚ ୧ ତାରିଖରେ କରାଯିବା ନେଇ ବୈଠକରେ ସ୍ଥିର କରାଯାଇଥିଲା । ନିରପେକ୍ଷ ନିର୍ବାଚନ ପରିଚାଳନା ନିମନ୍ତେ ଜିଲା ଓକିଲ ସଂଘର ଚାରିଜଣିଆ କମିଟୀର ସହଯୋଗ ନେବାକୁ ବୈଠକରେ ସ୍ଥିର ହୋଇଥିଲା । ବୈଠକରେ ନିର୍ବାଚନ କାର୍ଯ୍ୟସୂଚୀ ସ୍ଥିର କରାଯିବା ସହ ପ୍ରତି ଦୁଇ ବର୍ଷରେ ନିର୍ବାଚନ ନିଶ୍ଚିତ କରିବା ପାଇଁ ବୈଠକରେ ଆଲୋଚନା କରାଯାଇଥିଲା । ବୈଠକରେ ବରିଷ୍ଠ ସଦସ୍ୟ ମାନେ ସମ୍ବଲପୁର ପ୍ରେସକ୍ଲବର ସମ୍ମାନ ରକ୍ଷା କରି କାର୍ଯ୍ୟ କରିବାକୁ ଆହ୍ୱାନ କରିଥିଲେ । ନିର୍ବାଚନ ପୂର୍ବରୁ ତିନିଦିନ ଭିତରେ କୋଷାଧ୍ୟକ୍ଷଙ୍କ ଠାରେ ସଦସ୍ୟତା ନିବକରଣ କରିବାକୁ ବୈଠକରେ ନିଷ୍ପତି ଗ୍ରହଣ କରାଯାଇଥିଲା । ବୈଠକରେ କୋଡିଏରୁ ଅଧିକ ସଦସ୍ୟ ନିଜର ମତ ଉପସ୍ଥାପନ କରିଥିଲେ ।

# ରାଜସ୍ୱ ମନ୍ତ୍ରୀଙ୍କ ଦ୍ୱାରା ଶୁଭାରମ୍ଭ ହେଲା ମତ୍ସ୍ୟ ଓ ପ୍ରାଣୀସମ୍ପଦ ମେଳା

ଝାରସୁଗୁଡ଼ା,୨୭/୨(ନି/ପ୍ର): ଜିଲ୍ଲା ପ୍ରଶାସନ ଏବଂ ମତ୍ସ୍ୟ ଓ ପ୍ରାଣୀସମ୍ପଦ ବିକାଶ ବିଭାଗର ମିଳିତ ଆନୁକୁଲ୍ୟରେ ସ୍ଥାନୀୟ ମନମୋହନ ସ୍କୁଲ ପଡ଼ିଆଠାରେ ଆଜି ଏକ ବୃହତ ଦୁଇ ଦିନିଆ 'ଜିଲ୍ଲାସ୍ତରୀୟ ମତ୍ସ୍ୟ ଓ ପ୍ରାଣୀସମ୍ପଦ ମେଳା-୨୦୨୫' ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମକୁ ମାନ୍ୟବର ରାଜସ୍ୱ ଏବଂ ପ୍ରାକୃତିକ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ କୁମାର ପୂଜାରୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଶୁଭାରମ୍ଭ କରିଥିଲେ ।ଜିଲ୍ଲାପାଳ କୁଣାଲ ମୋତିରାମ ଚହ୍ୱାଣ ଏହି ମେଳାରେ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ । ଏହି ମେଳାରେ ଝାରସୁଗୁଡ଼ା ଜିଲ୍ଲାର ୫ଟି ପ୍ରମୁଖ ବ୍ଲକ ଯଥା— ଲାଇକେରା, କିର୍ମିରା, ଝାରସୁଗୁଡ଼ା, ଲଖନପୁର ଏବଂ କୋଲାବିରାରୁ ୫୦୦ରୁ ଅଧିକ ସଫଳ ଚାଷୀ, ପଶୁପାଳକ ଏବଂ ମତ୍ସ୍ୟଜୀବୀ ଅଂଶଗ୍ରହଣ କରିଥିଲେ । ସଭାକୁ ସମ୍ବୋଧିତ କରି ମାନ୍ୟବର ମନ୍ତ୍ରୀ ସୁରେଶ କୁମାର ପୂଜାରୀ ଚାଷୀଙ୍କ ପାଇଁ ସରକାରଙ୍କ ଦୂରଦୃଷ୍ଟି ସମ୍ପର୍କରେ କହିଥିଲେ ଯେ, 'ଓଡ଼ିଶାର ବର୍ତ୍ତମାନର ସରକାର ହେଉଛି ଜନସାଧାରଣଙ୍କ ସରକାର ଏବଂ ଚାଷୀଙ୍କ ବିକାଶ ପାଇଁ ଆମେ ସର୍ବଦା 'ପ୍ରୋ-ଆକ୍ଟିଭ୍' ଭାବେ କାର୍ଯ୍ୟ କରୁଛୁ ।


# DECLARATION

## Form- IV

Statement about ownership and other particular about news paper
**'The Utkal Samachar'**

1) Place of Publication : **ECR-73, Chhend Colony, Rourkela-15**
2) Periodicity of it's publication : **Daily**
3) Printer's Name : **Prakash kumar Dhal**
Nationality : **Indian**
Address : **ECR-73, Chhend Colony, Rourkela-15**
4) Publisher's Name : **Prakash kumar Dhal**
Nationality : **Indian**
Address : **ECR-73, Chhend Colony, Rourkela-15**
5) Name and Address of printer's : **Das Offset Printers,Uditnagar Main Road, Rourkela**

I, **Prakash kumar Dhal** hereby declare that the particulars given above are true to the best of my knowledge and belief.

**Date : 28-2-2026**
**Place: Rourkela**

**Prakash kumar Dhal**
**Publisher**
**The Utkal Samachar**




# ୪୪ତମ ଶ୍ରୀ ଶ୍ୟାମ ଫାଲଗୁନ ମହୋତ୍ସବ ଅବସରରେ ବିଶାଳ ନିଶାନ ଯାତ୍ରା



ରାଉରକେଲା,୨୭/୨(ନି/ପ୍ର): ବିସ୍ରା ଦହର ରୋଡ୍ ସ୍ଥିତ ଶ୍ରୀ ବାବା ଶ୍ୟାମ ମନ୍ଦିରର ୪୪ତମ ଶ୍ରୀ ଶ୍ୟାମ ଫାଲଗୁନ ମହୋତ୍ସବ ଅବସରରେ ଏକ ବିଶାଳ ନିଶାନ ଯାତ୍ରା ଅନୁଷ୍ଠିତ ହୋଇଯାଇଛି । ଏହି ଯାତ୍ରା ଶ୍ୟାମ ମନ୍ଦିର ପ୍ରାଙ୍ଗଣରୁ ବାହାରି ପାୱାର ହାଉସ୍ ରୋଡ୍ ଏବଂ ରିଙ୍ଗ୍ ରୋଡ୍ ଦେଇ ଟ୍ରାଫିକ ଗେଟ୍ ସ୍ଥିତ ପଟଂ ମନ୍ଦିରରେ ପହଚିଂଥିଲା । ଭବ୍ୟ ରଥ: ଢୋଲ, ନଗଡ଼ା ଓ ବାଜା ସହିତ ବାହାରିଥିବା ଏହି ଯାତ୍ରାରେ ଶ୍ୟାମ ବାବାଙ୍କ ଏକ ଅଲୌକିକ ରଥକୁ ସୁସଜ୍ଜିତ କରାଯାଇଥିଲା । ପଟଂ ମନ୍ଦିରରେ ଶ୍ୟାମ ବାବାଙ୍କ ନିଶାନ ପୂଜା ହେବା ପରେ ଶୋଭାଯାତ୍ରା ଆଗକୁ ବଢ଼ିଥିଲା । ଦେବଦେବୀଙ୍କ ଝାଙ୍କି: ଯାତ୍ରାରେ ବିଭିନ୍ନ ଦେବଦେବୀଙ୍କ ଝାଙ୍କି ପ୍ରଦର୍ଶିତ ହୋଇଥିଲା । ୫ଜଣ ସୋହାଗିନୀ ମହିଳା ଲାଲ୍ ଶାଢ଼ୀ ଓ ଲାଲ୍ ଚୁନରୀ ପିନ୍ଧି ମୁଣ୍ଡରେ କଳସ ଧରି ଶୋଭାଯାତ୍ରାରେ ସାମିଲ ହୋଇଥିଲେ । ଶତାଧିକ ମହିଳା ଓ ପୁରୁଷ ହାତରେ ବାବାଙ୍କ ନିଶାନ ଧରି ବିସ୍ରା ଚୌକ ଦେଇ ମୁଖ୍ୟ ମାର୍ଗ ଦେଇ ପୁଣି ଶ୍ୟାମ ମନ୍ଦିରକୁ ଫେରିଥିଲେ । ଏହି ସମୟରେ ପୂରା ସହର 'ଶ୍ୟାମମୟ' ହୋଇଉଠିଥିଲା । ଶ୍ରଦ୍ଧାଳୁମାନଙ୍କ ପାଇଁ ବାଟରେ ଫଳ, ସର୍ବତ ଏବଂ ଜଳଖିଆ ବଣ୍ଟନ କରାଯାଇଥିଲା । ସ୍ଥାନୀୟ ଭଜନ ଗାୟକଙ୍କ ସୁମଧୁର ସଙ୍ଗୀତରେ ଭକ୍ତମାନେ ନାଚି ଗାଇ ମନ୍ଦିରରେ ପହଚିଂ ଥିଲେ । ଭିଡ଼କୁ ଦୃଷ୍ଟିରେ ରଖି ପୋଲିସ ପ୍ରଶାସନ ପକ୍ଷରୁ ଟ୍ରାଫିକ ବ୍ୟବସ୍ଥା କଡ଼ାକଡ଼ି କରାଯାଇଥିଲା । ଆଜି ୨୭ ଫେବୃଆରୀ, ଶୁକ୍ରବାର ସନ୍ଧ୍ୟାରେ ଶ୍ୟାମ ମନ୍ଦିରରେ ଏକ ଭଜନ ସନ୍ଧ୍ୟା ଆୟୋଜିତ ହୋଇଛି । ଆକାଶ ଶର୍ମା (ରାଜନାନ୍ଦଗାଓଁ, ଛତିଶଗଡ଼), ଶ୍ରୀକୃଷ୍ଣନେହା (ବିଳାସପୁର), ପ୍ରତୀକ ଦାହିମା (ହାଇଦ୍ରାବାଦ), ଆୟୁଷ ପୀୟୂଷ (ଶିଲିଗୁଡ଼ି), ବିଶାଳ ଶର୍ମା (ସ୍ଥାନୀୟ ଗାୟକ), ଏହି ଭଜନ ସନ୍ଧ୍ୟା ୨୭ ଏବଂ ୨୮ ଫେବୃଆରୀ ଶନିବାର ମଧ୍ୟାହ୍ନ ପର୍ଯ୍ୟନ୍ତ ଚାଲିବ । ଏହି ଉତ୍ସବ ପାଇଁ ଶ୍ୟାମ ମନ୍ଦିରକୁ ଫୁଲରେ ଅତି ଆକର୍ଷଣୀୟ ଭାବେ ସଜାଯାଇଛି ।



ଦ୍ୱାରିକା ପୀଠରୁ ଆସିଥିବା ସ୍ୱାମୀ ସଦାନନ୍ଦ ଜୀ ମହାରାଜ ଏକ ସ୍ୱତନ୍ତ୍ର ବିମାନ ଯୋଗେ ରାଉରକେଲା ପହଚିଂଥିଲେ, ସିଭିଲ ଟାଉନସିପ୍ ରେ ରହୁଥିବା ଜଣେ ଶିଷ୍ୟ ନିତ୍ୟାନନ୍ଦ ସିଂଗଲଙ୍କ ବାସଭବନରେ କିଛି ସମୟ ରହିବା ପରେ ମନହରପୁର ଆଶ୍ରମକୁ ପ୍ରସ୍ଥାନ କରିଥିଲେ

## ଜୟପୁର ଜିଲ୍ଲା ଦାବି କାର୍ଯ୍ୟାନୁଷ୍ଠାନ କମିଟିର ରାଜଧାନୀ ଗସ୍ତ

ଜୟପୁର,୨୭/୨(ନି/ପ୍ର): ଜୟପୁର ସହରକୁ ଜିଲ୍ଲାର ମାନ୍ୟତା ପ୍ରଦାନ କରିବା ପାଇଁ ଆଜି ଜିଲ୍ଲା ଦାବି କାର୍ଯ୍ୟାନୁଷ୍ଠାନ କମିଟିର ଏକ ୧୫ ଜଣିଆ ଟିମ ଭୁବନେଶ୍ୱର ଗସ୍ତରେ ଯାଇଛନ୍ତି । ଗତକାଲି ଜୟପୁରରୁ ବାହାରି ଆଜି ସକାଳୁ ଭୁବନେଶ୍ୱରରେ ପହଁଚିଥିଲେ । ମୁଖ୍ୟମନ୍ତ୍ରୀ ଦିଲ୍ଲୀ ଗସ୍ତରେ ଯାଇଥିବା ବେଳେ ତାଙ୍କ ଅନୁପସ୍ଥିତିରେ ରାଜସ୍ୱ ଏବଂ ବିପର୍ଯ୍ୟୟ ପରିଚାଳନା ବିଭାଗୀୟ ମନ୍ତ୍ରୀ ସୁରେଶ ପୂଜାରୀଙ୍କୁ ଭେଟି ଦାବିପତ୍ର ପ୍ରଦାନ କରିଥିଲେ ।

## ମହାନଗର ନିଗମ କର୍ମଚାରୀଙ୍କ ଜ୍ଞାତରେ ବଢ଼ୁଛି ବେଆଇନ ଜବରଦଖଲ: ପ୍ରଶାସନ ନୀରବଦ୍ରଷ୍ଟା



ରାଉରକେଲା,୨୭/୨(ନି/ପ୍ର): ସହରର ସରକାରୀ ଜମିରେ ବେଆଇନ ନିର୍ମାଣ ତଥା ଜବରଦଖଲ ଯୋଗୁଁ ସହରର ପ୍ରଗତି ବାଧାପ୍ରାପ୍ତ ହେବା ସହିତ ଦିନକୁଦିନ ବଢ଼ିଚାଲିଛି ଜବରଦଖଲ । ଏହି ଜବରଦଖଲକୁ ପ୍ରଶ୍ରୟ ଦେଉଛନ୍ତି ମହାନଗରର ଲ୍ୟାଣ୍ଡ ଗାର୍ଡ । ରାଉରକେଲା ସହରକୁ ରାଜ୍ୟ ବାହାରର ଲୋକମାନେ ଆସିବା ସହ ପ୍ରଥମେ ରାସ୍ତା କଡରେ ବ୍ୟବସାୟ ଆରମ୍ଭ କରିବା, ପରେ ସେଠାରେ ଜରି ପାଲ ଟାଣିବା ସହ ଟ୍ରଲିରେ ବ୍ୟବସାୟ କରିବା, ତାପରେ ସରକାରୀ ଜମିକୁ ଅକ୍ତିଆର କରି ବ୍ୟବସାୟ ଆରମ୍ଭ କରିବା । ଏହିପରି ବହୁ ଘଟଣା ନଜରକୁ ଆସିଥିଲେ ମଧ୍ୟ, ପୁରୁଷ ହକି ବିଶ୍ୱକପ୍-୨୦୨୪ ସମୟରେ ରାଉରକେଲାକୁ ସରସ ଓ ସୁନ୍ଦର କରିବା ପାଇଁ ପାନପୋଷ ଠାରୁ ବିର୍ସା ଛକ ପର୍ଯ୍ୟନ୍ତ ମୁଖ୍ୟ ରାସ୍ତା ସମେତ ରିଙ୍ଗ୍ ରୋଡର ଉଭୟ ପାର୍ଶ୍ୱକୁ ସୌନ୍ଦର୍ଯ୍ୟକରଣ କରାଯାଇଥିଲା । ଏଥିସହିତ ରାସ୍ତାର ଉଭୟ ପାର୍ଶ୍ୱରେ ସିମେଣ୍ଟ ସ୍ଲାବ ଲଗାଇ ପାଚେରୀ ନିର୍ମାଣ କରାଯାଇ, ସେଥିରେ ରଙ୍ଗରେ ବିଭିନ୍ନ ଚିତ୍ର କରାଯାଇଥିଲା । ଯାହାକି ବିଦେଶରୁ ଆସିଥିବା ହକି ଖେଳାଳିମାନଙ୍କ ଦୃଷ୍ଟି ଆକର୍ଷଣ କରିବା ସହିତ ସହରକୁ ସୌନ୍ଦର୍ଯ୍ୟ କରିଥିଲା । ବର୍ତ୍ତମାନ ଦେଖାଯାଉଛି ଯେ, କେତେକ ଗାଇ ଓ ମଇଁଷି ଆଦି ରଖି ଖଟାଲ କରିଥିବା ବ୍ୟକ୍ତି ଏହି ପାଚେରୀକୁ ଭାଙ୍ଗି ଭିତରେ ବେଦଖଲ କରି ବ୍ୟବସାୟ କରୁଛନ୍ତି । ଏଠାରେ ପ୍ରଶ୍ନ ଉଠେ, ରାଉରକେଲା ମହାନଗର ନିଗମରେ ମାସିକ ଦରମା ନେଇ ଲ୍ୟାଣ୍ଡ ଗାର୍ଡ ଭାବେ କାର୍ଯ୍ୟ କରୁଥିବା ମହାନଗର ନିଗମ କର୍ମଚାରୀମାନେ ଜାଣିଶୁଣି କାର୍ଯ୍ୟର ଅବହେଳା କରୁଛନ୍ତି ନାଁ, ଖଟାଲ ମାଲିକଙ୍କ ଠାରୁ ମାସିକ ଅର୍ଥ ନେଇ ସେମାନଙ୍କୁ ସୁରକ୍ଷା ଦେଉଛନ୍ତି ! ରାଜ୍ୟ ସରକାରଙ୍କ ନିର୍ଦ୍ଦେଶ ସତ୍ୱେ ମହାନଗର ନିଗମ ତଥା ପ୍ରଶାସନ ପକ୍ଷରୁ ବେଆଇନ ଜବରଦଖଲକାରୀଙ୍କ ବିରୁଦ୍ଧରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉନାହିଁ । ପ୍ରଶାସନ ପକ୍ଷରୁ ରାଉରକେଲାରେ ବେଆଇନ ଜବରଦଖଲକୁ ଉଚ୍ଛେଦ କରାନଯାଇ ପ୍ରୋତ୍ସାହନ ଦେବା ସମସ୍ତଙ୍କ ମଧ୍ୟରେ ପ୍ରଶ୍ନ ଉଠାଇଛି । ତୁରନ୍ତ ପଦକ୍ଷେପ ଗ୍ରହଣ କରାଯିବାକୁ ବୁଦ୍ଧିଜୀବୀ ମହଲରୁ ଦାବି ହେଉଛି ।

## ରାଉରକେଲା ହୋଟେଲିୟର୍ସ ଆସୋସିଏସନ ପକ୍ଷରୁ ସାମ୍ବାଦିକ ସମ୍ମିଳନୀ

ରାଉରକେଲା,୨୭/୨(ନି/ପ୍ର): ହୋଟେଲ ସୋଲେସ୍ ଠାରେ ନୂତନ ଭାବରେ ଗଠିତ ହୋଇଥିବା ହୋଟେଲିୟର୍ସ ଆସୋସିଏସନ, ରାଉରକେଲା ପକ୍ଷରୁ ଆଜି ଏକ ସାମ୍ବାଦିକ ସମ୍ମିଳନୀର ଆହ୍ୱାନ କରାଯାଇ ଉପ-ଆଇନ ସଂଶୋଧନ ଏବଂ ନିର୍ବାଚନ ପ୍ରକ୍ରିୟା ସମ୍ପର୍କରେ ଆଲୋଚନା କରାଯାଇଥିଲା । ରାଉରକେଲା ହୋଟେଲ ଆଣ୍ଡ ରେଷ୍ଟୁରାଂଟର ବର୍ତ୍ତମାନର ସ୍ଥିତି ଏବଂ ମନମୁଖୀ କାର୍ଯ୍ୟଶୈଳୀକୁ ଦୃଷ୍ଟିରେ ରଖି ସମାନ ମନୋଭାବ ଥିବା ବ୍ୟକ୍ତିମାନେ ମିଳିତ ଭାବରେ ସଦସ୍ୟମାନଙ୍କର ସେବା କରିବା ଏବଂ ସେମାନଙ୍କ ଗ୍ରାହକଙ୍କୁ ଲାଭ ପହଚାଂଇବା ସହିତ ପର୍ଯ୍ୟଟନ ଓ ଆତିଥ୍ୟର ଅଭିବୃଦ୍ଧି ସହ ହୋଟେଲ ଏବଂ ସରକାରଙ୍କ ସହିତ ସୁସ୍ଥ ସମ୍ପର୍କ ରଖି ନ୍ୟାୟପୂର୍ଣ୍ଣ ନୀତି ଗ୍ରହଣ କରି ଏକ ନୂତନ ସଂଘ ଗଠନ କରିବାକୁ ଏହି ସାମ୍ବାଦିକ ସମ୍ମିଳନୀର ଆୟୋଜନ କରାଯାଇଥିଲା । ଏହି ସାମ୍ବାଦିକ ସମ୍ମିଳନୀରେ ପ୍ରକାଶ କରାଯାଇଥିଲା ଯେ, ୨୦୨୬ ଫେବୃଆରୀ ୧୮ ତାରିଖରେ ହୋଟେଲ ସୋଲେସରେ ଅନୁଷ୍ଠିତ ଏକ ବୈଠକରେ ସମାନ ମନୋଭାବ ଥିବା ହୋଟେଲ ବ୍ୟବସାୟୀ ହୋଟେଲର୍ସ ଆସୋସିଏସନ, ରାଉରକେଲା (ଐଇଜ) ନାମରେ ଏକ ନୂତନ ସଂଘ ଗଠନ କରିବାକୁ ନିଷ୍ପତ୍ତି ନେଇଥିଲେ ଏବଂ ସର୍ବସମ୍ମତିକ୍ରମେ ଗିରିଜା ଶଙ୍କର ଦ୍ୱିବେଦୀଙ୍କୁ ୨୦୨୬-୨୭ ବର୍ଷ ପାଇଁ ଏହାର ସଭାପତି ଭାବରେ ମନୋନୀତ କରିଥିଲେ । ସୁନ୍ଦରଗଡ଼ ଜିଲ୍ଲାର ହୋଟେଲ ବ୍ୟବସାୟୀ ଏବଂ ରେଷ୍ଟୁରାଂଟ ମାଲିକମାନଙ୍କ ବୃହତ ସ୍ୱାର୍ଥ ପାଇଁ ୨୦୨୬ ମାର୍ଚ୍ଚଶେଷ ସୁଦ୍ଧା ନୂତନ କମିଟି ଗଠନ ଏବଂ ନୂତନ ସଦସ୍ୟଙ୍କୁ ଆମନ୍ତ୍ରଣ କରିବାକୁ ଦାୟିତ୍ୱ ଦିଆଯାଇଛି ବୋଲି ସୂଚନା ଦିଆଯାଇଥିଲା । ଏଠାରେ ସ୍ମରଣଯୋଗ୍ୟ ଯେ ରାଉରକେଲା ହୋଟେଲ ଆଣ୍ଡ ରେଷ୍ଟୁରାଂଟ ଆସୋସିଏସନର ବର୍ତ୍ତମାନର ସଭାପତି ଯିଏକି ୨ ବର୍ଷ ପାଇଁ ନିର୍ବାଚିତ ହୋଇଥିଲେ, ସେ ପ୍ରକୃତରେ ୨୦୨୪ ଜାନୁଆରୀ ୩୧ ତାରିଖରେ ଅନୁଷ୍ଠିତ ନିର୍ବାଚନରେ, କେବଳ ୧ ବର୍ଷ ପାଇଁ ନିର୍ବାଚିତ ହୋଇଥିଲେ ଏବଂ ପରବର୍ତ୍ତୀ ସମୟରେ ସେହି ଦିନ ନିର୍ବାଚିତ ସଭାପତିଙ୍କୁ ହାତ ଉଠାଇ ଆଉ ଏକ ବର୍ଷ ପାଇଁ ନିଶ୍ଚିତ କରିବାକୁ ସଦସ୍ୟମାନଙ୍କ ସମ୍ମୁଖରେ ପ୍ରସ୍ତାବ ଦେଇଥିଲେ । ତଦନୁସାରେ ସେ



୨୦୨୪ରୁ ୨୦୨୬ ପର୍ଯ୍ୟନ୍ତ ନିଜର କାର୍ଯ୍ୟକାଳ ଶେଷ ପର୍ଯ୍ୟନ୍ତ ରହିଛନ୍ତି, ଯାହା ସମ୍ପୂର୍ଣ୍ଣ ବେଆଇନ । ଏହାକୁ ଉପ-ଆଇନରେ ସଂଶୋଧନ କରାଯାଇ ନାହିଁ କିମ୍ବା ସୁନ୍ଦରଗଡ଼ର ସମାଜ ପଞ୍ଜିକରଣ ରେଜିଷ୍ଟ୍ରାରଙ୍କ ସମ୍ମୁଖରେ ଅନୁମୋଦନ ପାଇଁ ଉପସ୍ଥାପନ ମଧ୍ୟ କରାଯାଇ ନାହିଁ ବୋଲି ସାମ୍ବାଦିକ ସମ୍ମିଳନୀରେ ପ୍ରକାଶ କରାଯାଇଥିଲା । ସଭାପତି ହୋଇଥିବା ହୋଟେଲ ନ୍ୟୁ ଉତ୍ସବର ମାଲିକ କେବେବି ରାଉରକେଲା ହୋଟେଲ ଆଣ୍ଡ ରେଷ୍ଟୁରାଂଟର ପ୍ରାଥମିକ ସଦସ୍ୟ ଭାବରେ ପଞ୍ଜୀକୃତ ହୋଇନାହାନ୍ତି । ତେଣୁ ରାଉରକେଲା ହୋଟେଲ ଆଣ୍ଡ ରେଷ୍ଟୁରାଂଟର ସଭାପତି ଭାବରେ ତାଙ୍କର ନିର୍ବାଚନ ଅବୈଧ ବୋଲି ସୂଚନା ଦିଆଯାଇଛି । ଏଥିସହିତ ବେଦବ୍ୟାସର ହୋଟେଲ ପାହାଡିରେ ୨୦୨୫ ଏପ୍ରିଲ ୧୧ ତାରିଖରେ ଅନୁଷ୍ଠିତ ସାଧାରଣ ସଭା ବୈଠକରେ ଏକ ପ୍ରସ୍ତାବ ଗୃହୀତ ହୋଇ ଶୈଳେନ୍ଦ୍ର ମହାନ୍ତିଙ୍କୁ ଜଳ ଯୋଗାଣ ପ୍ରସଙ୍ଗକୁ ଉଚ୍ଚ ନ୍ୟାୟାଳୟକୁ ନେବା ପାଇଁ ଦାୟିତ୍ୱ ଦିଆଯାଇଥିଲା, ତାହାକୁ କାର୍ଯ୍ୟନିର୍ବାହୀ ବୈଠକରେ ପ୍ରତ୍ୟାହାର କରାଯାଇଥିଲା, ଯାହା ଉପ-ଆଇନ ବିରୁଦ୍ଧ ବୋଲି ସୂଚନା ଦିଆଯାଇଥିଲା । ୨୦୨୬-୨୦୨୮ ଅଧିବେଶନର ନିର୍ବାଚନ କାର୍ଯ୍ୟସୂଚୀ ସହ ୨୦୨୫ ମେ ୨୨ ତାରିଖରେ ସାଧାରଣ ସମ୍ପାଦକଙ୍କ ଦ୍ୱାରା ଉପ-ଆଇନର ଏକ ସଂଶୋଧିତ କପି ପ୍ରସାରିତ କରାଯିବା ସହିତ ଉପ-ଆଇନ ପ୍ରକ୍ରିୟାର ଉଲ୍ଲଂଘନ କରାଯାଇଛି ବୋଲି ସାମ୍ବାଦିକ ସମ୍ମିଳନୀରେ ପ୍ରକାଶ କରାଯାଇଛି । ଉପ-ଆଇନ ଅନୁଯାୟୀ, କୌଣସି ସଂଶୋଧନ ବା ଯୋଗ ଗ୍ରହଣୀୟ ନୁହେଁ ଯଦି ଏହା ଏକ ବିଧିବଦ୍ଧ ଭାବରେ ଡକାଯାଇଥିବା ସାଧାରଣ ପରିଷଦ ବୈଠକରେ ଆଲୋଚନା କରାଯାଇନାହିଁ ଏବଂ ଏହା ଉପସ୍ଥିତ ସଦସ୍ୟଙ୍କ ସଂଖ୍ୟାଗରିଷ୍ଠ ସଦସ୍ୟଙ୍କ ଦ୍ୱାରା ଗୃହୀତ ହୋଇନାହିଁ ଏବଂ ସମାଜର ନିବନ୍ଧକଙ୍କ ଦ୍ୱାରା ଅନୁମୋଦିତ ହୋଇନାହିଁ । ଏଠାରେ ସୂଚନାଯୋଗ୍ୟ ଯେ ୨୨-୫-୨୦୨୫ରେ କୌଣସି ସାଧାରଣ ପରିଷଦ ବୈଠକ ହୋଇନାହିଁ ଏବଂ ଉପ-ଆଇନରେ କୌଣସି ସଂଶୋଧନ ଉପରେ ଆଲୋଚନା କିମ୍ବା ଅନୁମୋଦନ କରିବା ପାଇଁ କୌଣସି ସାଧାରଣ ପରିଷଦ ବୈଠକ ଡକାଯାଇନାହିଁ ବୋଲି ହୋଟେଲିୟର୍ସ ଆସୋସିଏସନ ପକ୍ଷରୁ ପ୍ରକାଶ କରାଯାଇଥିଲା ।

## ରିଲାଏନ୍ସ ଡିଜିଟାଲର ସେବାରେ ଅବହେଳା : କଞ୍ଜୁମର ମାମଲାରେ କମ୍ପାନୀକୁ ଜରିମାନା

ରାଉରକେଲା,୨୭/୨(ନି/ପ୍ର): ରିଲାଏନ୍ସ ଡିଜିଟାଲ କମ୍ପାନୀ ପକ୍ଷରୁ ନିର୍ମିତ ଇଲେକ୍ଟ୍ରୋନିକ୍ ପଦାର୍ଥରେ ସେବା ଯୋଗାଇବାରେ ବିଫଳତା ଯୋଗୁଁ, କଞ୍ଜୁମର ଅଦାଲତରେ ଏକ ମାମଲାର ବିଚାରକରି ଜିଲ୍ଲା କଞ୍ଜୁମର ଅଦାଲତଙ୍କ ଦ୍ୱାରା ରିଲାଏନ୍ସ ଡିଜିଟାଲକୁ ମେସିନର ମୂଲ୍ୟ ସହିତ ୧୦ ହଜାର ଟଙ୍କା ଜରିମାନା ଓ ଅଭିଯୋଗ ବାବଦକୁ ୫ ହଜାର ଟଙ୍କା ଦେବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି । ସୂଚନା ଅନୁସାରେ ରାଉରକେଲା ବାସନ୍ତୀ କଲୋନୀର କ୍ୱାର୍ଟର ନମ୍ବର ଏଫ୍‌ଏମ୍-୩୧ରେ ରହୁଥିବା ସନ୍ତୋଷ କୁମାର ମହାପାତ୍ର ୨୦୨୨ ଡିସେମ୍ବର ୨୬ ତାରିଖରେ, ସିଭିଲ୍ ଟାଉନସିପ୍ ସ୍ଥିତ ଗଲେରିଆ ମଲରେ ଥିବା ରିଲାଏନ୍ସ ଡିଜିଟାଲ ଷ୍ଟୋରରୁ ୧୬,୬୧୬ ଟଙ୍କା ଦେଇ ସମ୍ପୂର୍ଣ୍ଣ ସ୍ୱୟଂଚାଳିତ ୱାଶିଂ ମେସିନ୍ କ୍ରୟ କରିଥିଲେ । ସ୍ୱୟଂଚାଳିତ ୱାଶିଂ ମେସିନର ୩ ବର୍ଷ ୱାରେଣ୍ଟି ଥିବା ବେଳେ, ରିଲାଏନ୍ସ ଡିଜିଟାଲ ପକ୍ଷରୁ ୨୦୦୦ ଟଙ୍କା ପ୍ରତିବଦଳରେ ୨ ବର୍ଷ ଏକ୍ସଟେନସନ ୱାରେଣ୍ଟି ପ୍ରଦାନ କରାଯାଇଥିଲା । ଶ୍ରୀ ମହାପାତ୍ର ମୋଟ ୧୮,୬୧୬ ଟଙ୍କା ଦେଇ ସମ୍ପୂର୍ଣ୍ଣ ସ୍ୱୟଂଚାଳିତ ୱାଶିଂ ମେସିନ୍ ଘରକୁ ନେଇଥିଲେ । ୱାଶିଂ ମେସିନ୍ ନେବାର ୨ ମାସ ପରେ ୱାଶିଂ ମେସିନରେ ତୃଟି ଦେଖାଦେବାରୁ ଶ୍ରୀ ମହାପାତ୍ର ସିଭିଲ୍ ଟାଉନସିପ୍ ସ୍ଥିତ ରିଲାଏନ୍ସ ଡିଜିଟାଲକୁ ଜଣାଇଥିଲେ । ରିଲାଏନ୍ସ ଡିଜିଟାଲର ସର୍ଭିସ ଇଞ୍ଜିନିୟର ବାସନ୍ତୀ କଲୋନୀ ଆସି ଶ୍ରୀ ମହାପାତ୍ରଙ୍କ ଘରେ ୱାଶିଂ ମେସିନ୍ ମରାମତି କରିବାରୁ ତାହା କାର୍ଯ୍ୟ କରିଥିଲା । କିନ୍ତୁ ଗୋଟିଏ ମାସ ପରେ ପୁନର୍ବାର ୱାଶିଂ ମେସିନ କାର୍ଯ୍ୟ କରିବା ବନ୍ଦ୍ କରିବାରୁ ମେସିନର ମାଲିକ ଶ୍ରୀ ମହାପାତ୍ର କଷ୍ଟୋମର କେୟାରକୁ ଅଭିଯୋଗ କରିଥିଲେ । ଅଭିଯୋଗ ପାଇଲା ପରେ ରିଲାଏନ୍ସ କମ୍ପାନୀର ସର୍ଭିସ ଇଂଜିନିୟର ଦ୍ୱିତୀୟ ଥର ପାଇଁ ୱାଶିଂ ମେସିନକୁ ସଜାଡିବାରୁ ତାହା କାର୍ଯ୍ୟ କରିବା ଆରମ୍ଭ କରିଥିଲା । କିଛିଦିନ ପରେ ୱାଶିଂ ମେସିନର ସମାନ ସମସ୍ୟା ଦେଖାଦେବା ପରେ ସନ୍ତୋଷ କୁମାର ମହାପାତ୍ର କଷ୍ଟୋମର କେୟାରକୁ ତୃତୀୟ ଥର ଅଭିଯୋଗ କରିବାରୁ, ରିଲାଏନ୍ସ ଡିଜିଟାଲ ପକ୍ଷରୁ ସର୍ଭିସ ଇଞ୍ଜିନିୟରି ଆସି ୱାଶିଂ ମେସିନ୍ ସଜାଡିବାକୁ ବିଫଳ ହୋଇ ହେବାରୁ, ୱାଶିଂ ମେସିନକୁ ସର୍ଭିସ ସେଣ୍ଟରକୁ ପଠାଇଦେବା ପାଇଁ କହିଥିଲେ । ଶ୍ରୀ ମହାପାତ୍ର ୱାଶିଂ ମେସିନକୁ ସର୍ଭିସ ସେଣ୍ଟରକୁ ପଠାଇବା ପରେ ରିଲାଏନ୍ସ ଡିଜିଟାଲ, ମେସିନକୁ ୨୦୨୪ ଜୁନ୍ ୨୦ ପର୍ଯ୍ୟନ୍ତ ନ ଫେରାଇବାରୁ, ସନ୍ତୋଷ ମହାପାତ୍ର ବାଧ୍ୟ ହୋଇ ୨୦୨୪ ଜୁନ ୨୪ ତାରିଖରେ ଜିଲ୍ଲା କଞ୍ଜୁମର କୋର୍ଟରେ ମାମଲା ରୁଜୁ କରିଥିଲେ । ୨୦୨୬ ଜାନୁଆରୀ ୩୧ ଦିନ ଜିଲ୍ଲା କଞ୍ଜୁମର କୋର୍ଟ ଏହି ମାମଲାର ବିଚାର କରି, ୱାଶିଂ ମେସିନକୁ ସମ୍ପୂର୍ଣ୍ଣ ମରାମତି କରି ଫେରାଇବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି ।

## ସେଲ୍, ରାଉରକେଲା ଇସ୍ପାତ କାରଖାନା ଦ୍ୱାରା ରାଜଭାଷା ପ୍ରଚାର କାର୍ଯ୍ୟକ୍ରମର ଅଂଶ ସ୍ୱରୂପ ନାଟକ ସନ୍ଧ୍ୟା ଆୟୋଜିତ





ରାଉରକେଲା,୨୭/୨(ନି/ପ୍ର):ରାଜଭାଷା ପ୍ରଚାର କାର୍ଯ୍ୟକ୍ରମର ଏକ ଅଂଶ ସ୍ୱରୂପ ଫେବୃଆରୀ ୨୫ ତାରିଖ ଦିନ ସ୍ଥାନୀୟ ସିଭିକ୍ ସେଣ୍ଟର ଠାରେ ସେଲ୍, ରାଉରକେଲା ଇସ୍ପାତ କାରଖାନା(ଆରଏସପି)ର କର୍ମଚାରୀମାନଙ୍କ ଦ୍ୱାରା ଏକ ବ୍ୟଙ୍ଗାତ୍ମକ ହିନ୍ଦୀ ନାଟକ ଏବଂ ଏକ ଭାବପ୍ରବଣତା ସମ୍ପନ୍ନ ଓଡ଼ିଆ ଗୀତି ନାଟ୍ୟ ମଚଂସ୍ଥ କରାଯାଇଥିଲା । ଏହି ସମାରୋହରେ ଏଚଆର ବିଭାଗର ନିର୍ବାହୀ ନିର୍ଦ୍ଦେଶକ ଶ୍ରୀ ତରୁଣ ମିଶ୍ର, ମୁଖ୍ୟ ଅତିଥି ରୂପେ ଯୋଗଦେଇ ଆନୁଷ୍ଠାନିକ ଭାବେ ପ୍ରଦୀପ ପ୍ରଜ୍ୱଳନ କରି କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ । ଦୀପିକା ମହିଳା ସଂଘତି ର ଅଧକ୍ଷା ଶ୍ରୀମତୀ ନମ୍ରତା ବର୍ମା, ଆରଏସପି କାର୍ଯ୍ୟ ବିଭାଗର ନିର୍ବାହୀ ନିର୍ଦ୍ଦେଶକ ଶ୍ରୀ ବିଶ୍ୱରଞ୍ଜନ ପଲାଇ, ସଂଘତିର ଉପାଧକ୍ଷା, ଶ୍ରୀମତୀ ପ୍ରଭାତୀ ମିଶ୍ର, ଶ୍ରୀମତୀ ସ୍ମିତା ଗିରି, ଶ୍ରୀମତୀ ଡକ୍ଟର ପ୍ରତିଜ୍ଞା ପଲାଇ, ଶ୍ରୀମତୀ ରୀତା ରାଣୀ, ଏହି ଅବସରରେ ଉପସ୍ଥିତ ଥିଲେ । କାର୍ଯ୍ୟକ୍ରମରେ କାରଖାନାର ବହୁ ବରିଷ୍ଠ ଅଧିକାରୀ, ନାଟ୍ୟ ପ୍ରେମୀ ଏବଂ କଳାକାରଙ୍କ ପରିବାର ସଦସ୍ୟମାନେ ଯୋଗ ଦେଇଥିଲେ । ନାଟକଟି ଏକ ଉତ୍ସାହଜନକ ସାମାଜିକ ପ୍ରାସଙ୍ଗିକ ଓଡ଼ିଆ ଗୀତି ନାଟ୍ୟ ପେଟେଣ୍ଟ ମେଡିସିନ୍ ସହିତ ଆରମ୍ଭ ହୋଇଥିଲା ଯାହାର ମୂଳରଚନ ବ୍ୟାସକବି ଫକିର ମୋହନ ସେନାପତିଙ୍କ ରହିଥିବା ବେଳେ ଏହାର ନାଟ୍ୟକାର ଶ୍ରୀ ଗୋପାଳ ଛୋଟରାୟ ଏବଂ ଏହାକୁ ସଙ୍ଗୀତ ରୂପରେ ବିଶିଷ୍ଟ ସଙ୍ଗୀତ ନିର୍ଦ୍ଦେଶକ ଓ କଣ୍ଠଶିଳ୍ପୀ ଶ୍ରୀ ଅକ୍ଷୟ ମହାନ୍ତି ସଜାଇଥିଲେ । ଏସ ଏମ ଏସ ୨ ବିଭାଗ ର ଜେ ଇ ଶ୍ରୀ ପ୍ରଭାକର ପାତ୍ର, ଏବଂ ସି ପି – ୨ ବିଭାଗର ଜେଇ ଶ୍ରୀ ପ୍ରଫୁଲ୍ଲ ଚନ୍ଦ୍ର ସେଠୀ ଏହାର ନିର୍ଦ୍ଦେଶନା ଦେଇଥିଲା । ମଦ୍ୟ ନିଶା ଏବଂ ପାରିବାରିକ ଜୀବନ ଉପରେ ଏହାର ପ୍ରଭାବକୁ ଏହି ନାଟକରେ ହାସ୍ୟରସ ଏବଂ ସଙ୍ଗୀତରେ ଉପସ୍ଥାପିତ ହୋଇଥିଲା । ପରେ ପରେ ଦେଢ ଟାଙ୍ଗ କି ମୁର୍ଗି ନାମକ ଏକ ହିନ୍ଦୀ ବ୍ୟଙ୍ଗ ନାଟକ ପରିବେଷିତ ହୋଇଥିଲା ଯେଉଁଠାରେ ଦେଢ଼ ଗୋଡ ବିଶିଷ୍ଟ କୁକୁଡ଼ା ପ୍ରତୀକାତ୍ମକ ଭାବରେ ଏକ ଦୁର୍ନୀତିଗ୍ରସ୍ତ ବ୍ୟବସ୍ଥାରେ ଫସି ରହିଥିବା ଅସହାୟ ଜନସାଧାରଣଙ୍କୁ ପ୍ରତିନିଧିତ୍ୱ କରିଥିଲା । ଅରୁଣ ଆଲବେଲାଙ୍କ ଦ୍ୱାରା ରଚିତ ଏହି ନାଟକଟି ମୂଳତଃ ଗଣତାନ୍ତ୍ରିକ ସଚେତନତା, ଦୁର୍ନୀତି ଏବଂ ସାଧାରଣ ଲୋକଙ୍କ ଶୋଷଣକୁ ଆଲୋକିତ କରିଥିଲା । ଏହାକୁ ଅକ୍ସିଜେନ୍ ପ୍ଲାଣ୍ଟ ବିଭାଗର ଜେଇ ଶ୍ରୀ ପରେଶ ରଞ୍ଜନ ମହାନ୍ତୋ, ଏବଂ ଏଫଏମ ଆଣ୍ଡ ଟିଏମ ବିଭାଗର ଜେଇ ଶ୍ରୀ ସରୋଜ କବି ନିର୍ଦ୍ଦେଶନା ଦେଇଥିଲେ । ଉଭୟ ନାଟକ କାହାଣୀ, ଇତିହାସ, ସଂଳାପ ଏବଂ ନିର୍ଦ୍ଦେଶନା ଦୃଷ୍ଟିରୁ ଉତ୍କୃଷ୍ଟ ଥିଲା ଏବଂ ଶେଷ ପର୍ଯ୍ୟନ୍ତ ଦର୍ଶକଙ୍କୁ ସେମାନଙ୍କ ଆସନରେ ବାନ୍ଧି ରଖିଥିଲା । ଶେଷରେ ବିଶିଷ୍ଟ ବ୍ୟକ୍ତିମାନେ କଳାକାରମାନଙ୍କୁ ସେମାନଙ୍କର ଚମତ୍କାର ପ୍ରଦର୍ଶନ ପାଇଁ ପ୍ରଶଂସା ସ୍ୱରୂପ ସ୍ମାରକୀ ପ୍ରଦାନ କରିଥିଲେ । ସମାରୋହରେ ପୂର୍ବରୁ ଅନୁଷ୍ଠିତ ଆଶୁ କବିତା ପ୍ରତିଯୋଗିତାର ବିଜେତା ଏବଂ ବିଚାରକମାନଙ୍କୁ ମଧ୍ୟ ପୁରସ୍କୃତ କରାଯାଇଥିଲା । ଏହି କାର୍ଯ୍ୟ କ୍ରମରେ ଲୋକସମ୍ପର୍କ ବିଭାଗର ଆସିଷ୍ଟାଣ୍ଟ ମ୍ୟାନେଜର ଶ୍ରୀ ଜୟଦେବ ମଜୁମଦାର, ପରିଚାଳନା କରିଥିଲେ । ଲୋକସମ୍ପର୍କ ବିଭାଗର ଡେପୁଟି ମ୍ୟାନେଜର ଶ୍ରୀ ସୁଜିତ ବେହେରା ଏବଂ ରାଜଭାଷା ବିଭାଗର ସେକ୍ସନ ଅଫିସର ଶ୍ରୀ ଶିବାଶିଷ ପଟ୍ଟନାୟକ ଉପହାର ବିତରଣରେ ସହାୟତା କରିଥିଲେ । ଲୋକ ସମ୍ପର୍କ ବିଭାଗର ଜିଏମ ତଥା ସଚାଂରମୁଖ୍ୟ ଶ୍ରୀମତୀ ଅର୍ଚ୍ଚନା ଶତପଥୀ ଏବଂ ପି ଆର ରାଜ ଭାଷା ବିଭାଗର ଏଜିଏମ ସୁଶ୍ରୀ ଲୋଲାଟି ଟପ୍ପୋଙ୍କ ମାର୍ଗଦର୍ଶନ ତଥା ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମଟି ସଂଯୋଜିତ ହୋଇ ଥିଲା । ଓଡିଆ ନାଟକରେ ଅଭିନୟ କରିଥିବା କଳାକାର ମାନେ ହେଲେ ଏସଏମଏସ-୨ ବିଭାଗର ଜେଇ ଶ୍ରୀ ପ୍ରଭାକର ପାତ୍ର (ନିର୍ଦ୍ଦେଶକ), ସିପି-୨ ବିଭାଗର ଜେଇ ଶ୍ରୀ ପ୍ରଫୁଲ୍ଲ ଚନ୍ଦ୍ର ସେଠି (ନିର୍ଦ୍ଦେଶକ), ପିଏମ ବିଭାଗର ଜେଇ ଶ୍ରୀ ଗୌରାଙ୍ଗ ଚନ୍ଦ୍ର ପରିଜା, ଏସଏମଏସ-୨ ବିଭାଗର ଜେଇ ଶ୍ରୀ ସୁଶାନ୍ତ କୁମାରା ମହାନ୍ତି, ପିଏମ ବିଭାଗର ଜେଇ ଶ୍ରୀ ଅଶୋକ କୁମାର ରାଉତ, ସିପି ୨ ବିଭାଗ ର ଜେଇ ଶ୍ରୀ ଶୁଶାନ୍ତ କୁମାର ଦଳାଇ, ଏସ ଏମ ଏସ ୨ ବିଭାଗର ଜେଇ ଶ୍ରୀ ଅମୂଲ୍ୟ କୁମାର ବିସୋଇ, ଇଏ ଶ୍ରୀ ଚିନ୍ମୟ କୁମାର ବେହେରା, ଏବଂ ସୁଶ୍ରୀ ପିଙ୍କି ପ୍ରିୟଦର୍ଶିନୀ ସ୍ୱାଇଁ । ସେହିଭଳି ହିନ୍ଦୀ ନାଟକର କଳାକାରମାନେ ହେଲେ ଏଫଏମଏମ ବିଭାଗର ଜେଇ ଶ୍ରୀ ସରୋଜ ଚନ୍ଦ୍ର କବି, ଶ୍ରୀ କ୍ଷୀରୋଦ କୁମାର ବାଡତ୍ୟା, ଏସ ପି ପି ବିଭାଗ ର ଜେ ଇ , ଶ୍ରୀ ରମେଶ ଚନ୍ଦ୍ର ସେଠୀ, କୋକ ଓଭେନ ବିଭାଗ ର ଜେଇଏ ଶ୍ରୀ ଦୀପକ କୁମାର ଦେ, ଏଚଆର ସିଏଲସି ବିଭାଗର ସେକ୍ସନ ଅଫିସର ଶ୍ରୀ ଲକ୍ଷ୍ମଣ ଚନ୍ଦ୍ର ମହନ୍ତ ,ଏଫଏମଏମ ବିଭାଗର ଜେଇ ଶ୍ରୀ ଗଜେନ୍ଦ୍ର ମୁର୍ମୁ, ଆରଏମଏଚପି ବିଭାଗର ଜେଇଏ ଶ୍ରୀ ଅମିତ ରଣା, ଆର ଏମ ଏଚ ପି ବିଭାଗ ର ଜେ ଇ , ଶ୍ରୀ ସନ୍ତୋଷ ସୋରେନ, ଏସ ଏମ ଏସ ୨ ବିଭାଗର ଜେଇ ଶ୍ରୀ ସୁବାଷ ବସୁ, ଆର ଏଣ୍ଡ ସି ଲ୍ୟାବ ବିଭାଗର ଜେଇଏ ଶ୍ରୀ ବିଶ୍ୱପ୍ରିୟ ପଟ୍ଟାନାୟକ, ଆର ଆଣ୍ଡ ସି ବିଭାଗର ଜେଇଏ ସୁଶ୍ରୀ ସୁସ୍ମିତା ସୁନା, ଏଚଏସଏମ ୨ ବିଭାଗର ଜେଇଏ ସୁଶ୍ରୀ ଶ୍ୱେତା ଝା ଏବଂ ସୁଶ୍ରୀ ରୁବି କୁମାରୀ ।